## ସଂକ୍ଷେପରେ

### ୭ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



ଛେଣ୍ଡିପଦା,୧୧।୩(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପକ୍ଷରୁ ସୋମବାର ସନ୍ଧ୍ୟାରେ ଛେଣ୍ଡିପଦା-ଦେବଗଡ ଛକ ନିକଟରେ ଗାଡି ମୋଟର ଯାଞ୍ଚବେଳେ ମାଛକୁଟା ଗ୍ରାମର ଇଜିମାଲ ଖାନଙ୍କ ନିକଟରୁ ୭ କେଜି ଗଞ୍ଜେଇ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥର ଦେବଗଡ ଛକ ଠାରେ ଇମାଲ ଖାନ ଓ ପୁଅ ଇଜିମାଲ ଖାନ ଏକ ବାଇକ୍ (ନଂ. ଓଡି୧୯ଆର-୨୧୦୩) ରେ ଅନୁଗୋଳ ଆଡକୁ ଯାଉଥିବାବେଳେ ପୋଲିସ ଯାଞ୍ଚ କରିଥିଲା। ଏଥିରେ ଇଜିମାଲଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ୩୯ ହଜାର ୩୩୦ ଟଙ୍କା ଜବତ କରାଯାଇଛି। ଏ ନେଇ ନଂ.୮୮/୨୦ରେ ମାମଲା ରୁଜୁ ହୋଇଛି। ଘଟଣାସ୍ଥଳରୁ ଇମାଲ ଫେରାର ହୋଇଯାଇଛନ୍ତି। ତାଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଛେଣ୍ଡିପଦା ଥାନା ଏସ୍‌ଆଇ ସଂଘମିତ୍ରା ଶତପଥୀ ପ୍ରକାଶ କରିଛନ୍ତି।

### ଦୋଳ ପୂର୍ଣ୍ଣିମାରେ ଧସ୍ତାଧସ୍ତି

ଅନୁଗୋଳ ଅଫିସ୍, ୧୧।୩- ଅନୁଗୋଳ ସହର ଉପକଣ୍ଠରେ ଦୁଇ ରାଜନୈତିକ ଦଳର କର୍ମୀଙ୍କ ମଧ୍ୟରେ ଦୋଳ ପୂର୍ଣ୍ଣିମାରେ ଧସ୍ତାଧସ୍ତି ହୋଇଥିବା ଚର୍ଚ୍ଚା ହେଉଛି। ତେବେ ଏ ନେଇ ଉଭୟ ପକ୍ଷ ଥାନାରେ ଅଭିଯୋଗ କରିଥିଲେ ହେଁ ପରେ ସେମାନଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇଯାଇଥିବା ପୋଲିସ କହିଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଏକ ହାଇମାଷ୍ଟ ଲାଇଟ୍ ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ସ୍ଥାନୀୟ ଅଞ୍ଚଳରେ ଦୋଳ ଉତ୍ସବ ଥିବାରୁ ଗ୍ରାମର କେତେଜଣ ଲୋକ ଉଦ୍‌ଘାଟନ ପୂର୍ବରୁ ହାଇମାଷ୍ଟ ଲଗାଇ ଦେଇଥିଲେ। ଏହି ସୂଚନା ପାଇବାପରେ ପ୍ରଶାସନ ତୁରନ୍ତ ଯାଇ ସେଠାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲା। ଏହାକୁ ନେଇ ଏକ ରାଜନୈତିକ ଦଳର କେତେଜଣ ନେତା ପାଟିତୁଣ୍ଡ କରିବା ଆରମ୍ଭ କରିଥିଲେ। ପରେ ଆଉ ଏକ ରାଜନୈତିକ ଦଳର କର୍ମୀମାନେ ପହଞ୍ଚିବାରୁ ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏଥିପାଇଁ ଦୋଳ ମେଲଣ ମଧ ଫିକା ପଡିଯାଇଥିଲା। ପରେ ଉଭୟ ପକ୍ଷ ମଧ୍ୟରେ ବୁଝାମଣା ହୋଇଯାଇଥିବା ପୋଲିସ ପ୍ରକାଶ କରିଛି।

### ୪ ମଦ୍ୟପ ଚାଳକ ଗିରଫ

ବଇଣ୍ଡା, ୧୧।୩(ଡି.ଏନ.ଏ.): ୫୫ ନମ୍ବର ଜାତୀୟ ରାଜପଥ ହଣ୍ଡପା ଥାନା ବଇଣ୍ଡା ଛକଠାରେ ସୋମବାର ରାତିରେ ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚବେଳେ ୪ ଜଣ ମଦ୍ୟପ ଚାଳକଙ୍କୁ ଗିରଫ କରାଯାଇଛି। ଏଥିସହ ୪ଟି ବାଇକ୍ ଜବତ କରାଯାଇଛି। ସେମାନେ ହେଲେ ସୋଲଣ୍ଡା ଗ୍ରାମର ଶଙ୍କର ପ୍ରଧାନ, ବିଡିସିଙ୍ଗ ଗ୍ରାମର ଜିତେନ୍ଦ୍ର ପ୍ରଧାନ, ଖମାର ଗ୍ରାମର ଆଶିଷ ଦେହୁରୀ ଏବଂ ଆନନ୍ଦମୁଣ୍ଡା ଗ୍ରାମର ସୁଶାନ୍ତ ସାହୁ। ହଣ୍ଡପା ଥାନା ଏଏସ୍‌ଆଇ ପ୍ରମୋଦ କୁମାର ଆଇଚ ଓ କର୍ମଚାରୀମାନେ ଏହି ଯାଞ୍ଚ କରିଥିଲେ।

### ମଦ ଜବତ, ୨ ଗିରଫ

ବଇଣ୍ଡା/ଛେଣ୍ଡିପଦା, ୧୧।୩(ଡି.ଏନ.ଏ.): ଠାକୁରଗଡ ପୋଲିସ ଠାକୁରଗଡ ଛକଠାରୁ ମଙ୍ଗଳବାର ସନ୍ଧ୍ୟାରେ ୧୦ଟି ବିଦେଶୀ ମଦ ବୋତଲ ଜବତ କରିବା ସହ ଠାକୁରଗଡ ଗ୍ରାମର ଗିରିଶ ସାହୁଙ୍କୁ ଗିରଫ କରିଛି। ସେ ମଦ ଦୋକାନରୁ ଏକ ବ୍ୟାଗରେ ମଦ ବିକ୍ରି କରିବାକୁ ଆଣୁଥିବାବେଳେ ଠାକୁରଗଡ ସେକେଣ୍ଡ ଅଫିସର ସୁରେଶ ଚନ୍ଦ୍ର ବେହେରା ଚଢ଼ାଉ କରିଥିଲେ। ଏ ନେଇ ନଂ. ୨୬/୨୦ରେ ମାମଲା ରୁଜୁ କରାଯାଇ ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିପରି ଛେଣ୍ଡିପଦା ଥାନା ପୋଡାପଡା-ମାଛକୁଟା ରାସ୍ତାରୁ ପୋଲିସ ମଙ୍ଗଳବାର ୧୦ଲିଟର ଦେଶୀ ମହୁଲି ମଦ ଜବତ କରି ମାଛକୁଟା ଗ୍ରାମର ସାଲୁ ଖାନ(୩୨)ଙ୍କୁ ଗିରଫ କରିଛି। ପାଟ୍ରୋଲିଂ ବେଳେ ସେ ମଦନେଇ ଯାଉଥିବା ସମୟରେ ଧରାପଡିଥିଲେ। ଛେଣ୍ଡିପଦା ଥାନା ଏଏସଆଇ ରମେଶ ପ୍ରଧାନ ଏକ ମାମଲା ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରିଛନ୍ତି।

# ଶୂନ୍ୟ ସଂକ୍ରମଣ ଉପରେ ଗୁରୁତ୍ୱ

ଅନୁଗୋଳ ଅଫିସ୍, ୧୧।୩

କରୋନା ପ୍ରତିରୋଧକ ବ୍ୟବସ୍ଥା ସମ୍ପର୍କିତ ଏକ ଜିଲାସ୍ତରୀୟ ବୈଠକ ବୁଧବାର ଅନୁଗୋଳ ଜିଲା କୋର୍ଟ ରୁମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ବୈଠକରେ ଜିଲାପାଳ ମନୋଜ କୁମାର ମହାନ୍ତି ଅଧ୍ୟକ୍ଷତା କରି ଓଡ଼ିଶାରେ ଏଯାଏ କରୋନାରେ କେହି ଆକ୍ରାନ୍ତ ହୋଇ ନ ଥିଲେ ବି ଜିଲାସ୍ତରରେ ଆଗୁଆ ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ କରି ସଂକ୍ରମଣକୁ ଶୂନରେ ରଖିବାକୁ ଉପସ୍ଥିତ ବିଭିନ୍ନ ବିଭାଗ, ହୋଟେଲ ଓ ରେଷ୍ଟୁରାଣ୍ଟ ସଂଘ ସହ ଶିଳ୍ପ ସଂସ୍ଥାର କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହି ରୋଗ ସଂକ୍ରମିତ ହୋଇଥିବା ପଡ଼ୋଶୀ ରାଜ୍ୟ କେରଳ, ଦିଲ୍ଲୀ, କର୍ଣ୍ଣାଟକ ଓ ରାଜସ୍ଥାନ ଆଦିରୁ ଅନୁଗୋଳକୁ ଆସୁଥିବା ପର୍ଯ୍ୟଟକମାନଙ୍କ ଉପରେ ସତର୍କ ଦୃଷ୍ଟି ରଖିବା ସହ ବିଭିନ୍ନ ହୋଟେଲରେ ଥିବା ବିଦେଶୀମାନଙ୍କ ଯାତାୟାତ ବିବରଣୀ ସଂଗ୍ରହ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହାଛଡ଼ା ବିଭିନ୍ନ ଶିଳ୍ପ ସଂସ୍ଥା, କଳକାରଖାନା ଓ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କଠାରେ ଏହି ରୋଗର ଲକ୍ଷଣ ଦେଖାଦେଲେ ତାଙ୍କୁ ଅଲଗା ସ୍ଥାନରେ ରଖିବା ସହ ଛୁଟିରେ ଛାଡ଼ିଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ରୋଗ ଯେପରି ଜିଲାରେ ସଂକ୍ରମିତ ନ ହୁଏ ସେଥିପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ବ୍ୟାପକ ପ୍ରତିଷେଧକ ବ୍ୟବସ୍ଥା ସହ ଜନସାଧାରଣଙ୍କ ସଚେତନତା ପାଇଁ ପୋଷ୍ଟର, ଲିଫ୍‌ଲେଟ୍ ଓ ହୋର୍ଡିଂ ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ କରାଯିବ। ବିଦ୍ୟାଳୟ, ଛାତ୍ରାବାସଗୁଡ଼ିକରେ ପରିମଳ ବ୍ୟବସ୍ଥା ବଜାୟ ରଖିବା ସହ ପ୍ରାର୍ଥନା ସମୟରେ ଛାତ୍ରୀଛାତ୍ରମାନଙ୍କୁ ଏହି ରୋଗ ସମ୍ପର୍କରେ ସଚେତନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କରୋନା ଭୂତାଣୁ ସଂକ୍ରମଣ ଓ ଏହାର ଲକ୍ଷଣ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ କଣ୍ଟ୍ରୋଲ ରୁମ୍ ନଂ. ୯୪୩୯୯୮୨୮୫୬/ ୯୪୩୯୯୮୧୮୮୨ ଖୋଲାଯାଇଛି। ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରତାପ କୁମାର ବେହେରା ପାୱାର ପଏଣ୍ଟ ମାଧ୍ୟମରେ ଏହି ରୋଗର ଲକ୍ଷଣ ଓ ପ୍ରତିଷେଧକ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ହୋଟେଲ ଓ ରେଷ୍ଟୁରାଣ୍ଟ ସଂଘ, ବିଭିନ୍ନ ଶିଳ୍ପ ସଂସ୍ଥା ଓ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।


କରୋନା ଭୂତାଣୁ ପାଇଁ ଅନୁଷ୍ଠିତ ବୈଠକରେ ପ୍ରଶାସନିକ ଅଧିକାରୀମାନେ।

- କରୋନା ପ୍ରତିରୋଧକ ସମ୍ପର୍କିତ ଜିଲାସ୍ତରୀୟ ବୈଠକ
- ଅନୁଗୋଳ ଆସୁଥିବା ପର୍ଯ୍ୟଟକଙ୍କ ଉପରେ ନଜର ରଖ
- ସଂକ୍ରମିତ କର୍ମଚାରୀଙ୍କୁ ତୁରନ୍ତ ଛୁଟିରେ ଛାଡ଼ିଦିଅ

# ଆଜିଠାରୁ ଅନୁଗୋଳ କପ୍

ଅନୁଗୋଳ ଅଫିସ୍, ୧୧।୩

ଅନୁଗୋଳ କଦମ ପଡ଼ିଆ ଠାରେ ଗୁରୁବାରଠାରୁ ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଗୋଳ କପ୍-୨୦୨୦ ଆରମ୍ଭ ହେବ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ୮ଟି ଦଳ ଭାଗ ନେବାକୁ ଥିବାବେଳେ ଟି-୨୦ ଫର୍ମାଟ୍‌ରେ ମ୍ୟାଚ ଆୟୋଜନ କରାଯିବ ବୋଲି ଅନୁଗୋଳ କ୍ରିକେଟ କ୍ଲବ ସମ୍ପାଦକ ସମରେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି। କ୍ଲବ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପ୍ରଧାନ କହିଥିଲେ ଯେ, ଏହି ପ୍ରତିଯୋଗିତାରେ ଆସାନସୋଲ ରେଲୱେ, କରିମ୍ ସ୍ପୋର୍ଟ୍ସ ନାଗପୁର, ଛତିଶଗଡ଼ ଫରେଷ୍ଟ, ଓଡ଼ିଶା ପୋଷ୍ଟାଲ ଭୁବନେଶ୍ୱର, ରାଇଜିଂ ଷ୍ଟୁଡେଣ୍ଟ କଟକ, ଆର୍‌ୱାଇସିସି ରାଉରକେଲା, ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର, ଅନୁଗୋଳ କ୍ରିକେଟ କ୍ଲବ ଅଂଶ ଗ୍ରହଣ କରିବ। ୧୨ ତାରିଖରେ ଜିଲାପାଳ ମନୋଜ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବେ। ୧୫ ତାରିଖ ଉଦ୍‌ଯାପନୀ ଉତ୍ସବରେ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ଏବଂ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖେଳ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପ୍ରଧାନ, ସଭାପତି ଭାବେ ବୀରେନ କୁମାର ସାମଲ, ଗଙ୍ଗାଧର ପଟ୍ଟନାୟକ, ସମ୍ପାଦକ ସମରେନ୍ଦ୍ର ସ୍ୱାଇଁ, ସହ ସମ୍ପାଦକ ଏସ୍.କେ. ମିନାଯୁଦ୍ଦିନ୍, ପ୍ରଭାତ କୁମାର ସିହ୍ନା, ଦୀପକ ସାହୁ, ଉତ୍ତାନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ଲବର କର୍ମକର୍ତ୍ତାମାନେ।

# ତ୍ରିନାଥ ମନ୍ଦିର ବାର୍ଷିକ ଉତ୍ସବ



ତାଳଚେର,୧୧।୩(ନି.ପ୍ର.)

ତାଳଚେର ବ୍ଲକ ରେମୁଆଁ ନୂଆସାହିସ୍ଥିତ ତ୍ରିନାଥ ମନ୍ଦିରର ୩୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳୁ ରେମୁଆଁ ଅଞ୍ଚଳବାସୀଙ୍କ ପକ୍ଷରୁ ସାମୂହିକ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଶ୍ରମିକ ନେତା ତଥା ଗ୍ରାମ କମିଟି ସଭାପତି ବାବୁଲାଲ୍ ଖଣ୍ଡୁଆଳ, ଗ୍ରାମ୍ୟ କମିଟି ସମ୍ପାଦକ ତଥା ଯୁବ ସାମାଜିକ କର୍ମୀ ସୁଲେଖ ସେଠୀ, କାର୍ଯ୍ୟକାରୀ ସଭାପତି ରଞ୍ଜନ କୁମାର ଖଣ୍ଡୁଆଳ, କରୁଣାକର ବାଇ ପ୍ରମୁଖ ଯୋଗଦେଇଥିଲେ । ରେମୁଆଁ ଗ୍ରାମର ପ୍ରଫୁଲ୍ଲ କୁମାର ବେହେରା, ଜଗବନ୍ଧୁ ବେହେରା, ସହଦେବ ବେହେରା, ଈଶ୍ୱର ସାହୁ, ତପନ ସେଠୀ, କାଳିଆ ମହାନ୍ତି, କୁନା ସେଠୀ, ଟିକନ ନାଏକ, କ୍ଷେତ୍ରବାସୀ ନାଏକ, ରବି ବେହେରା, ସନି ଭର୍ଗିସ୍, ଅଶୋକ ରଣା, ସରୋଜ ବେହେରା, ସ୍ନେହଲତା ବେହେରାଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କଳମଚ୍ଛୁଇଁରେ ଦୋଳଯାତ୍ରା


ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ତାଳଚେର,୧୧।୩(ନି.ପ୍ର.)

ତାଳଚେର ବ୍ଲକ କଳମଚ୍ଛୁଇଁ ଗ୍ରାମରେ ଦୋଳଯାତ୍ରା ପାଳିତ ହୋଇଯାଇଛି। ଅପରାହ୍ନରେ ପୂଜକ ନିରଞ୍ଜନ ଦାସ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ପୂଜା କରିବା ପରେ ଏକ ବିମାନରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଦୁଦୁରକୋଟ, ମାମୁରିଆର ଲଉଡ଼ି, ମଝିକା ଗ୍ରାମର ଓଡ଼ିଶୀ, କମଳଚ୍ଛୁଇଁ ଓ ପୁରୁଣାସାହିର ନଦୀୟା ସଂକୀର୍ତ୍ତନ, ଜାମୁନାଳୀର ଛତ୍ରୀ ତରାସ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ସ୍ଥାନୀୟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ମେଳଣ ପଡ଼ିଆରେ ଦର୍ଶକମାନଙ୍କ ପାଇଁ ଯାତ୍ରା ପରିବେଷଣ କରାଯାଉଛି।

# ଶଙ୍ଖପୁରରେ ଦୋଳ ମହୋତ୍ସବ

ଖମାର, ୧୧।୩



ପାଲଲହଡା ବ୍ଲକ ଶଙ୍ଖପୁର ଗ୍ରାମରେ ଦୋଳ ମହୋତ୍ସବ ପାଳିତ ହୋଇଯାଇଛି। ପୂର୍ବଦିନ ମଧ୍ୟରାତିରେ ହୋଲି ଦହନ ସହିତ ନୂତନ ପଞ୍ଜିକା ପାଠ ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୨ ଶହ ବର୍ଷ ହେବ ଏମିତି ଧୁମ୍‌ଧାମରେ ଏହି ଦୋଳ ମହୋତ୍ସବ ଅନୁଷ୍ଠିତ ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ପ୍ରଥମେ ଶଙ୍ଖପୁରରେ ରାଧାକୃଷ୍ଣଙ୍କୁ ସ୍ଥାପନ କରାଯାଇଥିଲା। ଏହାପରେ ସମସ୍ତଙ୍କ ସହଯୋଗରେ ଶଙ୍ଖପୁର ଦୋଳ ମହୋତ୍ସବ ଆରମ୍ଭ ହୋଇଥିଲା, ଯାହା ୨ ଶହ ବର୍ଷ ପୂରଣ କରିଛି। ଏହି ଦୀର୍ଘବର୍ଷ ମଧ୍ୟରେ କିଛି ବର୍ଷ ଭଲ ଆୟୋଜନ କରାଯାଇଥିବା ଗ୍ରାମ କମିଟି, ଯୁବକ ସଂଘ ଓ ମହିଳା ସମିତି ପକ୍ଷରୁ କୁହାଯାଇଛି। ପୂର୍ବାହ୍ନ ସମୟରେ ପହଣ୍ଡି ଆରମ୍ଭ ହୋଇ ପାଖାପାଖି ୩ ହଜାର ଲୋକଙ୍କ ସମାଗମରେ ରାଧା କୃଷ୍ଣଙ୍କୁ ଦୋଳମଣ୍ଡପକୁ ପଟୁଆରରେ ନିଆଯାଇ ବିମାନରେ ବସାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ପରେ ରାତି ୧୧ଟାରେ ଆଉ ଥରେ ରାଧାକୃଷ୍ଣଙ୍କୁ ଶୋଭାଯାତ୍ରାରେ ପୁନଶ୍ଚ ମନ୍ଦିରକୁ ଅଣାଯାଇଥିଲା। ଏହାପରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ପୋଲିସକୁ ମାଡ଼, ୫ ଗିରଫ

ଅନୁଗୋଳ ଅଫିସ୍, ୧୧।୩

ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡାର ଜଣେ ଅଭିଯୁକ୍ତଙ୍କୁ ଧରିବାକୁ ଯାଇଥିବାବେଳେ ହୋଲି ଦିନ ଅନୁଗୋଳ ପୋଲିସକୁ ଅଭିଯୁକ୍ତଙ୍କ ପରିବାର ଲୋକେ ମାଡ ମାରିଥିବା ଅଭିଯୋଗ ହୋଇଛି। ଏ ନେଇ ନଂ. ୨୯୨/୨୦ରେ ଏକ ମାମଲା ରୁଜୁ କରି ଅନୁଗୋଳ ପୋଲିସ ୪ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ରାଣୀଗୋଡା ଅଞ୍ଚଳର ବାପି ସେଠୀଙ୍କ ନାମରେ ଅଭିଯୋଗ ଥିଲା। ହୋଲିରେ ବାପି ଘରେ ଥିବା ଖବର ପାଇ ପୋଲିସ ତାଙ୍କ ଘରେ ଚଢ଼ାଉ କରିଥିଲା। କିନ୍ତୁ ଅଭିଯୁକ୍ତଙ୍କୁ ଧରିବା ସମୟରେ ପରିବାର ଲୋକ ବିରୋଧ କରିବା ସହ ପୋଲିସକୁ ମାଡ଼ ମାରିଥିଲେ। ଏହି ଘଟଣାରେ ପୋଲିସ ବିଗୁଲ ସେଠୀ, ବସନ୍ତ ସେଠୀ, ସରୋଜ ସେଠୀ ଓ ଭାରତୀ ସେଠୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସକୁ ମାଡ଼ ମରାଯିବା ଅଭିଯୋଗର ତଦନ୍ତ ଏଏସ୍‌ଆଇ ସରୋଜିନୀ ବାଘ କରୁଥିବାବେଳେ ଘଟଣାର ତଦନ୍ତ ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମାଝି କରୁଛନ୍ତି। ଅନ୍ୟପକ୍ଷରେ ବାପି ସେଠୀଙ୍କୁ ମଧ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

# ଜନକଲ୍ୟାଣ କାର୍ଯ୍ୟରେ ନିୟୋଜିତ ପାଇଁ ପରାମର୍ଶ



ବାର୍ଷିକ ଅଧିବେଶନରେ ମଞ୍ଚାସୀନ ଅତିଥିମାନେ।

## ଉତ୍କଳ ରାଜପୁତ୍ କ୍ଷତ୍ରିୟ ସମାଜ ବାର୍ଷିକ ଅଧିବେଶନ

ଅନୁଗୋଳ ଅଫିସ୍, ୧୧।୩

ଅନୁଗୋଳ ସହର ଉପକଣ୍ଠ ପଞ୍ଚମହଲାସ୍ଥିତ ଆଦର୍ଶ ଇଞ୍ଜିନିୟରିଂ କଲେଜ ପରିସରରେ ସ୍ଥାୟୀ ସଭାପତି ଭକ୍ତି ପ୍ରସାଦ ଦାସଙ୍କ ସଭାପତିତ୍ୱରେ ସାଧାରଣ ଅଧିବେଶନ ୨୦୧୯-୨୦ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ ଚନ୍ଦ୍ର ପାଳ ଉପସ୍ଥିତ ଥିବାବେଳେ ମୁଖ୍ୟବକ୍ତା ଭାବେ ଆଦର୍ଶ ଇଣ୍ଟର ନ୍ୟାଶନାଲ ସ୍କୁଲର ପ୍ରାକ୍ତନ ଅଧ୍ୟକ୍ଷ ସେବକ ଚରଣ ଦାସ, ସମ୍ମାନିତ ଅତିଥି ଭାବେ ଆଦର୍ଶ ଗ୍ରୁପ ଅଧ୍ୟକ୍ଷ ଡକ୍ଟର ମହେଶ ଚନ୍ଦ୍ର ଧଳ, ପ୍ରାକ୍ତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ବସନ୍ତ କୁମାର ଦାସ, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନେ କ୍ଷତ୍ରିୟ ସମାଜ ସଙ୍ଗଠିତ ହୋଇ ସ୍ୱାଭିମାନର ସହ ଜନକଲ୍ୟାଣ କାମରେ ନିୟୋଜିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ସଭାକୁ ଆଦର୍ଶ ଇଣ୍ଟର ନ୍ୟାଶନାଲ ସ୍କୁଲର ଶିକ୍ଷୟିତ୍ରୀ ସ୍ମୃତି ସ୍ନିଗ୍ଧା ସଂଯୋଜନା କରିଥିବାବେଳେ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସାମନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସନ୍ତୋଷ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିବା ସହ କୋଷାଧ୍ୟକ୍ଷ ଭାବେ ରାଜକିଶୋର ଦାସ ଉପସ୍ଥିତ ରହି ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ରୁଚିର କୁମାର ଦାସ, ସୁଶ୍ରୀ କନିସ୍କା ସାମନ୍ତ, ନିତିଶ କୁମାର ଦାସ, ବ୍ରଜବନ୍ଧୁ ଦାସ, ଅମ୍ଲାନ କେଶରୀ ଗଡ଼ନାୟକଙ୍କୁ କ୍ଷତ୍ରିୟ ଗୌରବ ଓ କ୍ଷତ୍ରିୟ ସମ୍ମାନ ପ୍ରଦାନ କରାଯାଇଥିଲା। ମେଜର ଧନେଶ୍ୱର ଦାସ, ରାଜକିଶୋର ଦାସ, ଦାମୋଦର ଦାସ, ଅଜିତ ସିଂହସାମନ୍ତ, ରୁଚିର କୁମାର ଦାସ, ଜୟନ୍ତ କୁମାର ସିଂହ, ଅଶୋକ ପଣ୍ଡା, ଭାସ୍କର ପଣ୍ଡା, ହରପ୍ରସାଦ ଦାସ, ଶତ୍ରୁଘ୍ନ ଦାସ, ମଧୁସୂଦନ ଦାସ, ବିପିନ ଗଡ଼ନାୟକ, ପ୍ରଶାନ୍ତ ଦାସ, ଲୋକନାଥ ସାମନ୍ତ, ଜଗନମୋହନ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ବିଜର କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ଐତିହ୍ୟ, ପ୍ରାଚୀନତା ସମ୍ପର୍କରେ ଆଲୋଚନା

ଅନୁଗୋଳ ଅଫିସ୍, ୧୧।୩

ବଆଁରପାଳସ୍ଥିତ ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ପାଳିତ ହୋଇଯାଇଛି। ବିଭାଗ ମୁଖ୍ୟ ଅଧ୍ୟାପକ ପୂର୍ଣ୍ଣେନ୍ଦୁ ଭୂତିଆଙ୍କ ସଭାପତିତ୍ୱରେ ଏହି ସଭାରେ ଅଧ୍ୟକ୍ଷ ପ୍ରଫେସର ଗୋକୁଳାନନ୍ଦ ପ୍ରଧାନ ମୁଖ୍ୟଅତିଥି, ବାଣିଜ୍ୟ ବିଭାଗ ଅଧ୍ୟାପକ ରାଜେଶ କୁମାର ଜେନା ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଅଧ୍ୟାପକ ମନୋଜ କୁମାର ବେହେରା ସ୍ୱାଗତ ଭାଷଣ ସହ ମଞ୍ଚ ପରିଚାଳନା କରିଥିଲେ। ଏହି ସାରସ୍ୱତ ଦିବସରେ ଓଡ଼ିଆ ସାହିତ୍ୟର ଐତିହ୍ୟ ଓ ପ୍ରାଚୀନତା ସମ୍ପର୍କରେ ଆଲୋଚନା ହୋଇ ସାହିତ୍ୟ ଭାଷା ପ୍ରତି ସଚେତନତା ସୃଷ୍ଟି କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।



ବଆଁରପାଳ ଡିଗ୍ରୀ ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଦିବସ ପାଳନ ଅବସରରେ ଅତିଥିମାନେ।

# ପୁନର୍ବାସ, ନିଯୁକ୍ତି ଦାବିରେ ଆନ୍ଦୋଳନ

ଅନୁଗୋଳ ଅଫିସ୍ /କଣିହାଁ, ୧୧।୩

ପୁନର୍ବାସ ଓ ନିଯୁକ୍ତି ଦାବିରେ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ତାଳଚେର ବ୍ଲକ ଛେଳିଆ ଗ୍ରାମବାସୀ। ବୁଧବାର ଜିଲାପାଳଙ୍କୁ ଭେଟି ସେମାନେ ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ନିଯୁକ୍ତି ଓ ସମସ୍ତ ସୁବିଧା ସୁଯୋଗ ଯୋଗାଇ ନ ଦେଲେ ଆନ୍ଦୋଳନ ତୀବ୍ରତର କରିବେ ବୋଲି ଚେତାବନୀ ଦେଇଛନ୍ତି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ୨୦୦୬ରୁ ସେମାନଙ୍କ ଜମି ଅଧିଗ୍ରହଣ କରାଗଲାଣି। ଜମି ବାବଦକୁ କ୍ଷତିପୂରଣ ରାଶି ମିଳିଥିଲେ ମଧ ନିଯୁକ୍ତି ସହ ଅନ୍ୟାନ୍ୟ ସୁବିଧାସୁଯୋଗ ମିଳୁନାହିଁ। କର୍ତ୍ତୃପକ୍ଷ ଦିନ ପରେ ଦିନ ଗଡ଼ାଇ ଚାଲିଥିବାବେଳେ ଜମିହରା ପ୍ରଜା ସେମାନଙ୍କ ହକ୍ ଏପର୍ଯ୍ୟନ୍ତ ପାଇପାରିନାହାନ୍ତି। ଗତବର୍ଷ ଡିସେମ୍ବର ୨ରେ ଛେଳିଆ ଗ୍ରାମବାସୀଙ୍କ ଦାବି ସମ୍ବନ୍ଧରେ କଣିହାଁ କ୍ଷେତ୍ରର ମହାପ୍ରବନ୍ଧକଙ୍କ ସଭାପତିତ୍ୱରେ ବୈଠକ ବସିଥିଲା। ଗ୍ରାମର ପୁନର୍ବାସ ଓ ଥଇଥାନ ପ୍ରକ୍ରିୟାର ପ୍ରଗତି ନେଇ ବୈଠକରେ ଆଲୋଚନା ହେବା ସହ ତୁରନ୍ତ ନିଯୁକ୍ତି ଓ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ମିଳିଥିଲା। ୩ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ପୂର୍ବାହ୍ନ ୬ଟାରେ ପୂର୍ବ ଚେତାବନୀକୁ ନେଇ ଖଣି ବନ୍ଦ ଆନ୍ଦୋଳନ କରାଯାଇଥିଲା। ପୋଲିସ ଅନେକ ଯୁବକଙ୍କୁ ଉଠାଇନେଇ ଅଟକ ରଖିଥିଲା। ଖବରପାଇ ଶତାଧିକ ମହିଳାପୁରୁଷ ଆସି ପ୍ରତିବାଦ କରିବାରୁ ଖଣି କର୍ତ୍ତୃପକ୍ଷ ଆନ୍ଦୋଳନସ୍ଥଳକୁ ଆସି ଆଲୋଚନା କରିଥିଲେ। ତେବେ ସୁଫଳ ନ ମିଳିବାରୁ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ସହ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମଧ ଆନ୍ଦୋଳନରେ ସାମିଲ ହୋଇଥିଲେ। ପରେ ଜିଲାପାଳଙ୍କ ସହ ଏକ କମିଟି ଏ ନେଇ ଆଲୋଚନା କରିଥିବାବେଳେ ଖୁବ୍‌ଶୀଘ୍ର ସମାଧାନ କରିବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। କ୍ଷତିଗ୍ରସ୍ତ ମାଗୁଣି ଚନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରଫୁଲ୍ଲ, ପ୍ରଶାନ୍ତ ଓ ପ୍ରଭୁ ପ୍ରମୁଖ କହିଛନ୍ତି, ପ୍ରଶାସନ ଏବଂ ଖଣି କର୍ତ୍ତୃପକ୍ଷ ବାରମ୍ବାର ଠକି ଚାଲିଛନ୍ତି। ଜିଲାପାଳ ୪ମାସ ମଧ୍ୟରେ ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି। ଏ ନେଇ କଣିହାଁ ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ଗ୍ରାମବାସୀ ଆନ୍ଦୋଳନ କରିଥିଲେ। ଜିଲାପାଳଙ୍କ ଉପସ୍ଥିତିରେ ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

## ସଂକ୍ଷେପରେ

### ଛଟେଇ କର୍ମଚାରୀଙ୍କ ଅନଶନ




ଆଠମଲ୍ଲିକ, ୧୧।୩(ଡି.ଏନ.ଏ.): ୪ ଦଫା ଦାବି ନେଇ ବୁଧବାର ମାନଜୋର ଜଳସେଚନ କାର୍ଯ୍ୟାଳୟର ଛଟେଇ କର୍ମଚାରୀମାନେ ଉକ୍ତ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ସହ ଧାରଣା ଦେଇଛନ୍ତି। ପମ୍ପ ଅପରେଟର ଶ୍ରୀଧର ସ୍ବାଇଁ ପଦୋନ୍ନତି, ରମେଶ ପାତ୍ର, ସୁରେଶ ଗହିର, ଅଲେଖ ପ୍ରଧାନ, ପତି ପଲିଆ, ଭ୍ରମରବର ସାହୁ, ନବୀନ ପ୍ରଧାନ, ଗୋପାଳ ସାହୁ, ପ୍ରମୋଦ ସେଠୀ, ନାରାୟଣ ମହାଖୁଡ, ସୁରେଶ ସେଠୀ ପ୍ରମୁଖ କର୍ମଚାରୀ ପୁନଃନିଯୁକ୍ତି ଦାବିରେ ଧାରଣାରେ ବସିଛନ୍ତି। ୨୦୧୭ ଠାରୁ ଛଟେଇ ହୋଇଥିବା କର୍ମଚାରୀଙ୍କୁ ଥଇଥାନ କରିବା, ଛଟେଇ କର୍ମଚାରୀଙ୍କ ନାମରେ ମାନଜୋର ବିଭାଗ ସରକାର ଓ କୋର୍ଟକୁ ଦେଇ ଥିବା ରିପୋର୍ଟକୁ ଖାରଜ କରି ସତ୍ୟ ରିପୋର୍ଟ ପ୍ରଦାନ କରିବା, ଭୁଲ ତଥ୍ୟ ପ୍ରଦାନ କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ୧ ଜାନୁୟାରୀ ୨୦୧୭ଠାରୁ ବକେୟା ଦରମା ପ୍ରଦାନ କରାଯିବା ଆଦି ଦାବିରେ ଧାରଣା ଦିଆଯାଇଛି।

### ବୃଦ୍ଧଙ୍କ ଆତ୍ମହତ୍ୟା

ବନ୍ତଲା, ୧୧।୩(ଡି.ଏନ.ଏ.)- ଅନୁଗୋଳ ଜିଲା ବନ୍ତଲା ଥାନା ତଳଗଡ଼ ଗ୍ରାମରେ ବୁଧବାର ଗ୍ରାମର ଫକୀର ଚରଣ ପ୍ରଧାନ(୭୫) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏ ନେଇ ତାଙ୍କ ନାତି ପ୍ରବୀଣ କୁମାର ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ଢେଙ୍କାନାଳ ସାଇଣ୍ଟିଫିକ ଟିମ ଆସି ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଘରୋଇ କଳିକୁ କେନ୍ଦ୍ର କରି ସେ ଆତ୍ମହତ୍ୟା କରିଥିବା ପୋଲିସ କହିଛି।

### ଆଠମଲ୍ଲିକରେ ଦୋଳ ଉତ୍ସବ

ଆଠମଲ୍ଲିକ, ୧୧।୩(ଡି.ଏନ.ଏ.)- ଆଠମଲ୍ଲିକରେ ଇଷ୍ଟଦେବୀ ମା' ମାହେଶ୍ବରୀଙ୍କ ପୂଜା ସହ ଦୋଳ ଉତ୍ସବ ପାଳିତ ହୋଇଯାଇଛି। ସକାଳୁ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ମହିଳାମାନେ ଗାଁ ଦାଣ୍ଡରେ ପରମ୍ପରା ଅନୁଯାୟୀ ପୂଜାପାଠ କରିଥିଲେ। ରାତିରେ ଧାର୍ଯ୍ୟ ସମୟରେ ପୂଜା ହେବା ପରେ ମା' ମାହେଶ୍ବରୀ ଓ ଦୋଳଗୋବିନ୍ଦଙ୍କୁ ରୂପା ପାଲିଙ୍କିରେ ଢୋଲ ବାଦ୍ୟ, ଶଙ୍ଖ, ସଂକୀର୍ତ୍ତନ ସହ ସହର ପରିକ୍ରମା କରାଯାଇ ଦୋଳ ପଡିଆ ମଣ୍ଡପକୁ ନିଆଯାଇଥିଲା। ଏହି ଅବସରରେ ବାଡ଼ି ଖେଳର ଆୟୋଜନ କରାଯାଇଥିଲା। ପୂଜାର୍ଚ୍ଚନା ପରେ ମା' ଓ ଦୋଳଗୋବିନ୍ଦଙ୍କୁ ପୁନର୍ବାର ମନ୍ଦିରରେ ପ୍ରବେଶ କରାଯାଇଥିଲା।

### ଜମିଜମା ବିବାଦରୁ ଆକ୍ରମଣ, ୩ ଗୁରୁତର

ପାଲଲହଡ଼ା, ୧୧।୩(ଡି.ଏନ.ଏ.): ଜମିଜମା ବିବାଦକୁ ନେଇ ପାଲଲହଡ଼ା ସ୍କୁଲସାହିରେ ଜଣେ ଯୁବକଙ୍କ ଟାଙ୍ଗିଆ ଚୋଟରେ ମା' ବାପା ଓ ଝିଅ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଗୁରୁତରମାନେ ହେଲେ ତେଜବନ୍ତ ନାଏକ, ସ୍ତ୍ରୀ ରାଧା ନାଏକ ଏବଂ ଝିଅ ପ୍ରଣତି ନାଏକ। ସେମାନଙ୍କୁ ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପାଲଲହଡ଼ା ପୋଲିସ ନଂ. ୪୬/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗରୁ ଜଣାଯାଏ, ପାଲଲହଡ଼ା ଥାନା ନିଜିଗଡ଼ ପଞ୍ଚାୟତ ସ୍କୁଲ ସାହିର ପଲଉ ନାଏକ ଓ ପଡୋଶୀ ତେଜବନ୍ତ ନାଏକଙ୍କ ପରିବାର ମଧ୍ୟରେ ବହୁ ଦିନରୁ ଜମି ବିବାଦ ଲାଗି ରହିଥିଲା। ବୁଧବାର ଉଭୟ ପରିବାର ମଧ୍ୟରେ ଝଗଡା ହୋଇଥିଲା। ଉତ୍କ୍ଷିପ୍ତ ହୋଇ ପଲଉଙ୍କ ପୁଅ ଜିତେନ୍ଦ୍ର ଏକ ଟାଙ୍ଗିଆରେ ତେଜବନ୍ତ ଓ ତାଙ୍କ ପରିବାରକୁ ଆକ୍ରମଣ କରିଥିଲେ। ଖବରପାଇ ପୋଲିସ ଜିତେନ୍ଦ୍ର, ବିରଞ୍ଚି ନାଏକ ଓ ମା' ଦମୟନ୍ତୀ ନାଏକଙ୍କୁ ଥାନାରେ ଅଟକ ରଖିଛି।

### ଘୂର୍ଣ୍ଣିଝଡ଼, କୁଆପଥର ବର୍ଷା

ବନ୍ତଲା, ୧୧।୩(ଡି.ଏନ.ଏ.)- ବନ୍ତଲା ଥାନା ପୋକତୁଙ୍ଗା ଗ୍ରାମରେ ବୁଧବାର ଅପରାହ୍ନ ଘୂର୍ଣ୍ଣିଝଡ ସହିତ କୁଆପଥର ବର୍ଷା ହୋଇଛି। ୨ ଘଣ୍ଟା ଧରି ପବନ ଘଡଘଡି ସହ ବର୍ଷା ହେବା ଯୋଗୁ ବ୍ୟାପକ ଚାଳ ଘର କ୍ଷତିଗ୍ରସ୍ତ ହୋଇଛି। କେତେକ ଗଛ ମଧ୍ୟ ଉପୁଡି ଯାଇଛି। ଗ୍ରାମର ସନୁ ପ୍ରଧାନଙ୍କ ପ୍ରାୟ ୧୫ ଶହ କଦଳୀ ଗଛ ଓ ପ୍ରାୟ ୩ ଗୁଣ୍ଠ ଜାଗାରେ ମକା ଗଛ ନଷ୍ଟ ହୋଇଛି। ସେହିପରି ଯତୀନ୍ଦ୍ର ପ୍ରଧାନଙ୍କର ୧ ହଜାର, ଅନ୍ତର ଦେହୁରୀଙ୍କର ୫ ଶହ, ପୁରନ୍ଦର ପ୍ରଧାନ ୫ ଶହ, ଗୋତମ ଦେହୁରୀଙ୍କର ୩ଶହ, ଭବାନୀ ଦେହୁରୀଙ୍କର ୬ ଶହ ଏପରି ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ବ କଦଳୀ ଗଛ ନଷ୍ଟ ହୋଇଛି। ତୁରନ୍ତ ସେମାନଙ୍କୁ କ୍ଷତିପୂରଣ ଯୋଗାଯିବାକୁ ଦାବି ହୋଇଛି।

# ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ ନିମ୍ନମାନର

**ବଇଣ୍ଡା, ୧୧।୩(ଡି.ଏନ.ଏ.)**


ବୈଠକରେ ଯୋଗ ଦେଇଥିବା ଗ୍ରାମବାସୀ।

- ଜିଲାପାଳଙ୍କୁ ଅଭିଯୋଗ
- ଭିଜିଲାନ୍ସ ତଦନ୍ତ ଦାବି

ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳକୁ ଗମନାଗମନ ସୁବିଧା ପାଇଁ ସରକାର ପକ୍କା ରାସ୍ତା ନିର୍ମାଣର ଯୋଜନା କରିଥିଲେ ହେଁ କେତେଜଣ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଯୋଗୁ ଲୋକେ ଏହାର ସୁଫଳ ପାଇପାରୁ ନ ଥିବା ଅଭିଯୋଗ ହେଉଛି। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ପୀତାବଳିବାହାଳ ଛକ(କନ୍ତପଡା)ଠାରୁ ବିପ୍ରଡିହ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ପକ୍କାରାସ୍ତା ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ବୁଧବାର ଏ ନେଇ ଗୋପୀନାଥପୁର ଗ୍ରାମଠାରେ ପୀତାବଳିବାହାଳ, ବିପ୍ରଡିହ, କେଞ୍ଝୁଆନାଳୀ, ଗୋପୀନାଥପୁର ଆଦି ୪ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ବସିବା ପରେ ଜିଲାପାଳଙ୍କଠାରେ ଅଭିଯୋଗ କରାଯାଇଛି। ଅଭିଯୋଗପତ୍ରର ନକଲ ଗ୍ରାମ୍ୟ ନିର୍ମାଣ ଉନ୍ନୟନ ବିଭାଗ ମନ୍ତ୍ରୀ ଓ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ପଠାଯାଇଛି।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ପୀତାବଳିବାହାଳ ଛକ(କନ୍ତପଡା)ଠାରୁ ବିପ୍ରଡିହ ୧୨ କିମି ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନରେ ପକ୍କା ରାସ୍ତା ନିର୍ମାଣ କରାଯାଉଛି। ଏଥିପାଇଁ ୭ କୋଟି ୯୯ ଲକ୍ଷ ଟଙ୍କା ଅଟକଳ ହୋଇଛି। ୧୮ ଜାନୁୟାରୀ ୨୦୨୦ ସୁଦ୍ଧା ନିର୍ମାଣ ସରିବାକୁ ଧାର୍ଯ୍ୟ ହୋଇଥିଲେ ହେଁ ଏ ପର୍ଯ୍ୟନ୍ତ କାମର ୫୦ ପ୍ରତିଶତ ମଧ୍ୟ ଶେଷ ହୋଇନାହିଁ। ଏଥିସହ ରାସ୍ତା ନିର୍ମାଣ ନିମ୍ନମାନର କରାଯାଉଛି। ଠିକ୍ ଭାବେ ମେଟାଲ ପକାଯାଉ ନ ଥିବାବେଳେ ଜଙ୍ଗଲରୁ ବେଆଇନ ଭାବେ ମାଟି ମୋରମ ପକାଯାଇ ଏହାକୁ ସମତଳ କରାଯାଉଛି। କ୍ରଶର ଗୁଣ୍ଡ ସହ ମେଟାଲ ମିଶାଯାଉ ନ ଥିବାବେଳେ ବଡ ବଡ ମେଟାଲ ସହ ମୋରମ ପକାଯାଉଛି। ସେହିପରି ଗୋପୀନାଥପୁର ନାଳ ନିକଟରେ ଏକ ପୋଲ ନିର୍ମାଣ ହୋଇଥିବାବେଳେ ଆବଶ୍ୟକ ପରିମାଣର ରଡ୍ ଲଗାଯାଇନାହିଁ। ସାଇଡ ୱାଲ ମଧ୍ୟ ତିଆରି କରାଯାଇ ନ ଥିବାରୁ କିଛି ଦିନ ପୂର୍ବେ ବର୍ଷାରେ ରାସ୍ତା ଧୋଇଯାଇଛି। ବିଭାଗୀୟ ଅଧିକାରୀ ତଦାରଖ କରୁ ନ ଥିବାରୁ ଠିକାଦାର ମନଇଚ୍ଛା କାମ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗତ ମାସ ୫ ତାରିଖରେ ବିଭାଗୀୟ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା ସେମାନେ ପ୍ରକାଶ କରିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟିଦେଇ ଭିଜିଲାନ୍ସ ତଦନ୍ତ କରିବାକୁ ଗୋପୀନାଥପୁର ଗ୍ରାମର ପ୍ରଦୀପ କୁମାର ପ୍ରଧାନ, ଗୁରୁଚରଣ ପ୍ରଧାନ, ଅଜିତ କୁମାର ପ୍ରଧାନ, ଅଶ୍ବିନୀ କୁମାର ପ୍ରଧାନ, ବାବାଜୀ ବେହେରା, ନବକୃଷ୍ଣ ସାହୁ ପ୍ରମୁଖ ଦାବି କରିଛନ୍ତି।

ଏ ସମ୍ପର୍କରେ ବଇଣ୍ଡା ଗ୍ରାମ୍ୟ ନିର୍ମାଣ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ବସନ୍ତ କୁମାର ବସ୍ତିଆ କୁହନ୍ତି, ରାସ୍ତା କାମ ନିମ୍ନମାନର ହୋଇନାହିଁ। ଯଦି ରାସ୍ତା ଧୋଇ ହୋଇଯାଇଥିବ ଏହାର ମରାମତି କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯିବ।

# ବିମାନରେ ବୁଲିଲେ ରାଧାକୃଷ୍ଣ

**ବଅଁରପାଳ, ୧୧।୩(ଡି.ଏନ.ଏ.)**

ବଅଁରପାଳ ବ୍ଲକ କୁଲାଡ ଓ ଗିରାଙ୍ଗ ଗ୍ରାମରେ ଦୋଳ ଉତ୍ସବ ପାଳିତ ହୋଇଯାଇଛି। ପ୍ରଭୁ ରାଧାକୃଷ୍ଣଙ୍କୁ ସୁସଜ୍ଜିତ ବିମାନରେ ବସାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। କୁଲାଡ଼ରେ ୪ ଟି ଲଉଡି ଦଳ ଲଉଡି ଖେଳ ପ୍ରଦର୍ଶନ କରିଥିଲେ। ଗ୍ରାମର ହନୁମାନ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ଦୋଳ ମଣ୍ଡପଠାରେ ପହଞ୍ଚିଥିଲା। ପ୍ରକାଶ ବେହେରା, ଆନନ୍ଦ ରାଉତ, ହର୍ଷ ବେହେରା, ସୁରେଶ ସାହୁ, ପୀତବାସ ସାହୁ, ବୈଚନ ବେହେରା, ଭାଇଗ ସାହୁ, କୁଲାଡ଼ ସରପଞ୍ଚ ଶେଷଦେବ ବେହେରା, ବିଜନ ଦଳବେହେରା, ମିଲୁ ଧୀର, ବିଚିତ୍ରା ସାମଲ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଗିରାଙ୍ଗ ଗ୍ରାମରେ ୨ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋଲୋଡା ଓ କର୍ଣ୍ଣପୁର ମଧ୍ୟରେ ଦଣ୍ଡ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଯୋଗେନ୍ଦ୍ର ବିଶ୍ୱାଳ ବିଚାରକ ଭାବେ ଯୋଗ ଦେଇଥିଲେ। ସୁକ ଦେହୁରୀ, ସୁସେନ ଗଡ଼ନାୟକ, ସରୋଜ ଦେହୁରୀ, ବିଜୟ ସାମଲ, ପ୍ରିୟଜିତ ଦେହୁରୀ, କାଳୀଚରଣ କର, ଅଖିଳ ସାମଲ, କୁନା ବେହେରା, ସାଗର ସେଠ ପ୍ରମୁଖ ସହଯୋଗ କରିଥିଲେ।


ଗିରାଙ୍ଗଠାରେ ଯୋଡି ଶଙ୍ଖଖେଳ ପ୍ରଦର୍ଶନ।

# ୩୩ ୟୁନିଟ୍ ରକ୍ତ ସଂଗ୍ରହ

**ପାଲଲହଡ଼ା, ୧୧।୩(ଡି.ଏନ.ଏ.)**

ପାଲଲହଡ଼ା ବ୍ଲକ ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ମିଳିତ ଆନୁକୂଲ୍ୟରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ଏକ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ପାଲଲହଡ଼ା ଉପଜିଲାପାଳଙ୍କ ନିର୍ବାଚନ ଭୋଟ ଗଣନା ପ୍ରକୋଷ୍ଠରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ପାଲଲହଡ଼ା ବିଧାୟକ ମୁକେଶ ପାଲ ରକ୍ତଦାନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଶିବିରରେ ଅନୁଗୋଳ ରକ୍ତଭଣ୍ଡାରର ସଂଯୋଜକ ବାବୁଲି ଦାଶ ଉପସ୍ଥିତ ଥିଲେ। ଅନୁଗୋଳ ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦିନେଶ ପ୍ରଧାନ, ପାଲଲହଡ଼ା ବ୍ଲକ ବିଜୁ ଯୁବ ଜନତା ଦଳର କାର୍ଯ୍ୟକର୍ତ୍ତା ସବ୍ୟସାଚୀ କପର୍ଦ୍ଦାର ସମେତ ସମସ୍ତ ବିଜୁ ଯୁବ ଜନତା ଦଳ କାର୍ଯ୍ୟକର୍ତ୍ତା ଏଥିରେ ସହଯୋଗ କରିଥିଲେ । ଏଥିରେ ସମୁଦାୟ ୩୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ଆକ୍ରମଣରେ ଗୁରୁତର ବୃଦ୍ଧଙ୍କ ମୃତ୍ୟୁ

**ପଦ୍ମପୁର, ୧୧।୩(ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତ ଅଧୀନ ଜୟକୃଷ୍ଣପୁର ଗ୍ରାମରେ ଜମିବାଡ଼ିକୁ କେନ୍ଦ୍ରକରି ଗତ ୨୭ ତାରିଖରେ ଦୁଇ ପରିବାର ମଧ୍ୟରେ ମାର୍‌ପିଟ୍ ହୋଇଥିଲା। ମାର୍‌ପିଟ୍‌ରେ ଗୁରୁତର ହୋଇଥିବା ମହେଶ୍ବର ନାୟକ ନାମକ ଜଣେ ବୃଦ୍ଧ କଟକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ସନ୍ଧ୍ୟାରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟ ପକ୍ଷର ଶତାଧିକ ଲୋକ ରୁଣ୍ଡ ହୋଇ ପାଟିତୁଣ୍ଡ କରିଥିଲେ। ଖବର ପାଇ ନାୟକାଣିଡିହୀ ଥାନା ଏଏସ୍‌ଆଇ ଦିଲୀପ କୁମାର ଦେହୁରୀ ଓ ହାବିଲଦାର ପର୍ଶୁରାମ କବି ପହଞ୍ଚି ବୁଝାଶୁଝା କରିବା ପରେ ଅନ୍ତିମ ସଂସ୍କାର କରାଯାଇଥିଲା। ସୂଚନା ଥାଉକି, ମାର୍‌ପିଟ୍‌କୁ ନେଇ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ନାୟକାଣିଡିହୀ ଥାନା ପୋଲିସ ୫ ଜଣଙ୍କୁ ଗିରଫ କରିଥିଲା। ମହେଶ୍ବରଙ୍କ ମୃତ୍ୟୁ ପରେ ଏହା ହତ୍ୟା ମାମଲାରେ ପରିଣତ ହୋଇଥିବାରୁ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ପାଇଁ ପରିବାର ଲୋକ ଦାବି କରିଛନ୍ତି।

## ପ୍ରେମିକାଙ୍କ ସହ ବିବାହିତ ଯୁବକ ଫେରାର, ସ୍ତ୍ରୀ ଥାନାର ଦ୍ୱାରସ୍ଥ

**ବଅଁରପାଳ, ୧୧।୩(ଡି.ଏନ.ଏ.)**

ନାଲ୍‌କୋ ଥାନା ଅଞ୍ଚଳର ଜଣେ ବିବାହିତ ଯୁବକ ତାଙ୍କ ପ୍ରେମିକାଙ୍କ ସହ ଫେରାର ହୋଇଯାଇଥିବା ନେଇ ଯୁବକଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ୩ ବର୍ଷ ତଳେ ଅଭିଯୋଗକାରିଣୀ ଓ ସମ୍ପୃକ୍ତ ଯୁବକଙ୍କ ବିବାହ ହୋଇଥିବାବେଳେ ଉଭୟଙ୍କର ଏକ ସନ୍ତାନ ମଧ୍ୟ ରହିଛି। କିଛି ଦିନ ତଳେ ଯୁବକ ଜଣକ ପୁରୀ ଯାଉଛି ବୋଲି କହି ଘରୁ ବାହାରି ଯାଇଥିଲେ। ମାତ୍ର ସେ ଘରକୁ ନ ଫେରିବାକୁ ମହିଳା ଜଣକ ତାଙ୍କୁ ଫୋନ କରିଥିଲେ। ହେଲେ ଯୁବକ ଜଣକ ଫୋନ ଉଠାଇ ନ ଥିଲେ। ହିନ୍ଦୋଳ ଅଞ୍ଚଳର ଜଣେ ଯୁବତୀଙ୍କୁ ନେଇ ସେ ଫେରାର ହୋଇଯାଇଥିବା ମହିଳା ଜଣକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ପୂର୍ବରୁ ତାଙ୍କ ସ୍ୱାମୀ ଯୌତୁକ ନିର୍ଯାତନା ମଧ୍ୟ ଦେଉଥିବା ମହିଳା ଜଣକ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

# ଏମ୍‌ସିଏଲ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ।

**ଛେଣ୍ଡିପଦା, ୧୧।୩(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କମ୍ପସଲା ଗ୍ରାମ ଜଗନ୍ନାଥ ମନ୍ଦିରଠାରେ ଏମ୍‌ସିଏଲ୍‌ର ସିଏସ୍‌ଆର ଓ ବାଏଫର ସମନ୍ୱିତ ଗୋଷ୍ଠୀ ବିକାଶ ଯୋଜନା ଆନୁକୂଲ୍ୟରେ ମହିଳା ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷା ଶାନ୍ତିଲତା ନାଏକ ଯୋଗ ଦେଇ ମହିଳା ମାନେ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ସାମାଜିକକର୍ମୀ ସରୋଜିନୀ ମିଶ୍ର ମହିଳା ମାନେ ସାମାଜିକ ଓ ରାଜନୈତିକ ସ୍ତରରେ ସଶକ୍ତ ହେବା ଉପରେ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ବାଏଫର ସହପରିଚାଳକ ଶିବପ୍ରସାଦ ଦାସ ବାଏଫର ବିଭିନ୍ନ ଯୋଜନା ସହ କୃତ୍ରିମ ପ୍ରଜନନ, କୁକୁଡା ଚାଷ, ଆମ୍ବ ବଗିଚା ସମ୍ପର୍କରେ ସୂଚନା ଦେଇ ମହିଳା ମାନଙ୍କର ଭାଗିଦାରୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଦିଲୀପ କୁମାର ବେହେରା କରୋନା ଭାଇରସର ଭୟାବହତା ଓ ସତର୍କତା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ବ୍ଲକର ଶାଳଖମଣ, ଅନ୍ଧାରିକଟା, କେନ୍ଦୁପଶି, କମ୍ପସଲା, କଙ୍କୁରପାଳ, ଛୋଟଗୋଳାଗାଡିଆ, ମୁଣ୍ଡାମାଳସାହି ଓ ବାହାଳସାହି ଗ୍ରାମର ମହିଳାମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମହିଳାମାନଙ୍କୁ ସାନିଟାରି ପ୍ୟାଡ ବଣ୍ଟା ଯାଇଥିଲା।

# ସମାଜରେ ନାରୀର ସ୍ଥାନ ସ୍ୱତନ୍ତ୍ର


ପତିତପାବନ ଡିଗ୍ରୀ କଲେଜରେ ମହିଳା ଦିବସ ପାଳନ ଅବସରରେ ଉପସ୍ଥିତ ଛାତ୍ରୀମାନେ।

**ଛେଣ୍ଡିପଦା, ୧୧।୩(ସ୍ୱ.ପ୍ର.)**

ଜରପଡା ପତିତପାବନ ଡିଗ୍ରୀ ମହାବିଦ୍ୟାଳୟରେ ଅନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଅନୁଗୋଳ ଏନ୍‌ଏସ୍‌ଏସ୍ ଶାଖାର ତତ୍ତ୍ୱାବଧାରକ ଶରତ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ନାରୀ ସଶକ୍ତୀକରଣ ବାର୍ତ୍ତା ନେଇ ପଥପ୍ରାନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ କଲେଜ ସଭାଗୃହଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଅଧ୍ୟକ୍ଷା ଡ. ସୁଷମା ପ୍ରଧାନ ଯୋଗଦେଇ ସମାଜରେ ନାରୀର ସ୍ଥାନ ସ୍ୱତନ୍ତ୍ର ବୋଲି କହିଥିଲେ। ଅଧ୍ୟାପିକା ରଶ୍ମିତା ବିଶ୍ୱାଳ, ଜଗବନ୍ଧୁ ସାହୁ, ବସନ୍ତ ପ୍ରଧାନ, ପ୍ରଦୀପ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଛେଣ୍ଡିପଦା ବ୍ଲକ ଡୁକୁଡ଼ା ହାଟ ପଦାଠାରେ ଥିବା ଅନୁଗୋଳ ଶୋଭନୀୟ ଶିକ୍ଷାଶ୍ରମରେ ମହିଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବଡ଼କେରାର ଆଷ୍ଟ୍ରୋଲୋଜିଷ୍ଟ ତଥା ସାହିତ୍ୟିକା ସବିତା ଦାଶ, ସମ୍ମାନିତ ଅତିଥି ଭାବେ ବଡ଼କେରଜାଙ୍ଗର ଶିଶୁ ମନ୍ଦିର ପର୍ଯ୍ୟାୟ ପ୍ରମୁଖ ଆଚାର୍ଯ୍ୟ ପଦ୍ମଲୋଚନ ସାହୁ, ଶିକ୍ଷାଶ୍ରମର ପ୍ରଧାନ ଆଚାର୍ଯ୍ୟା ସତ୍ୟଭାମା ସାହୁ ଅତିଥି, ଜନାର୍ଦ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମଦ ବିକ୍ରିକୁ ମହିଳାଙ୍କ ବିରୋଧ, ଭଙ୍ଗାରୁଜା

**ତିହିଡ଼ି, ୧୧।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ତଳଗୋପବିନ୍ଧା ପଞ୍ଚାୟତ ଅଧୀନ ନରସିଂହପୁର ଗ୍ରାମରେ ଦେଶୀମଦ ବିକ୍ରିକୁ ବିରୋଧ କରି ମହିଳାମାନେ ମଙ୍ଗଳବାର ସକାଳେ ଭଙ୍ଗାରୁଜା କରିଥିଲେ। ସୂଚନା ଅନୁସାରେ, ଗ୍ରାମର ଜଣେ ମହିଳା ବେଆଇନ ଭାବେ ଦେଶୀମଦ ବ୍ୟବସାୟ ଚଳାଇଥିଲେ। କେତେଜଣ ବ୍ୟକ୍ତି ସେଠାରୁ ମଦ ପିଇ ଗାଁରେ ଓ ପରିବାରରେ ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ଏଥିଯୋଗୁ ମହିଳାମାନେ ସଂଘବଦ୍ଧ ହୋଇ ମଦ ବିକ୍ରି ସ୍ଥଳକୁ ଯାଇଥିଲେ। ସେମାନେ ସମ୍ପୃକ୍ତ ମହିଳାଙ୍କୁ ମଦ ବିକ୍ରି ବନ୍ଦ କରିବାକୁ କହିବାରୁ ପାଟିତୁଣ୍ଡ ହୋଇଥିଲା। ପରେ ମହିଳାମାନେ ଉତ୍ତ୍ୟକ୍ତ ହୋଇ ମଦକୁ ଭାଙ୍ଗିବା ସହ ସମ୍ପୃକ୍ତ ମହିଳାଙ୍କ ଘର ମଧ୍ୟ ଭଙ୍ଗାରୁଜା କରିଥିଲେ।

## ୧.୨୬ ଲକ୍ଷ ଜରିମାନା

**ତିହିଡ଼ି, ୧୧।୩(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବିଭିନ୍ନ ସ୍ଥାନରୁ ପୋଲିସ ସୋମବାର ଓ ମଙ୍ଗଳବାର ୧୩ଟି ଡିଜେ ଜବତ କରିଥିଲା। ଏଥିସହ ସେହି ଡିଜେ ପରିବହନ କରିଥିବା ଗାଡ଼ିରୁ ୧ ଲକ୍ଷ ୨୬ ହଜାର ଟଙ୍କା ଜରିମାନା ଭଦ୍ରକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଆଦାୟ କରାଯାଇଛି।

# ଏନ୍‌ଆରସିଏ ଫାଇନାଲରେ


ବିଜୟୀ ଦଳର ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

**ବଅଁରପାଳ, ୧୧।୩(ଡି.ଏନ.ଏ.)**

ବଅଁରପାଳ ବ୍ଲକ ବଳରାମପ୍ରସାଦ ସିଂହବାହିନୀ ୟୁଥ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ୨୪ ତମ ଲାଲ ବାହାଦୂର କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଏନ୍‌ଆରସିଏ ଏବଂ ନାଲ୍‌କୋ ବ୍ଲକ କ୍ୟାଟ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏନଆରସିଏ ପ୍ରଥମେ ବ୍ୟାଟିଂ କରି ୧୬୯ ରନ କରିଥିଲା। ଜବାବରେ ନାଲକୋ ବ୍ଲକ କ୍ୟାଟ ୧୫୭ ରନ କରି ପରାସ୍ତ ହୋଇଥିଲା। ସୁଶାନ୍ତ ସିଂ ଓ ବିଭୂତି ନାୟକ ଖେଳ ପରିଚାଳନା କରିଥିଲେ। ବାପି ସାମଲ ସ୍କୋରର ଦାୟିତ୍ୱରେ ଥିଲେ। ମୁଖ୍ୟଅତିଥି ଭାବେ ନାଲ୍‌କୋ ପ୍ରବନ୍ଧକ ସୁରେନ୍ଦ୍ର ବେହେରା ଯୋଗ ଦେଇଥିଲେ। ବିଜୟୀ ଟିମ୍‌ର ଲିଟୁ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆୟୋଜକ କ୍ଲବର ଅମିରି ସିଂ, ମନୋଜ ସାହୁ, ମାଧବ ବେହେରା, ବବୁଲୁ ମହାନ୍ତି, ରୋହିତ ସାମଲ, ଗଜେନ୍ଦ୍ର ମହାଳିକ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଜଳିଗଲା ଦୋକାନ



**ହିନ୍ଦୋଳ, ୧୧।୩(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ କଂସରା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଗ୍ରାମର ସାରଙ୍ଗ ଭୋଇ ତେଜରାତି ଦୋକାନ କରିଛନ୍ତି। ସେଠାରେ ସାରଙ୍ଗ ଚା' ମଧ ବିକ୍ରି କରିଥାନ୍ତି। ରବିବାର ଅପରାହ୍ନ ପ୍ରାୟ ୨ଟାରେ ହଠାତ୍ ଦୋକାନରେ ନିଆଁ ଲାଗିଯାଇଥିଲା। ଏଥିରେ ଫ୍ରିଜ୍, ଫ୍ୟାନ୍ ସମେତ ଅନ୍ୟାନ୍ୟ ମୂଲ୍ୟବାନ ଉପକରଣ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ହିନ୍ଦୋଳ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ୬ ମାସ ହେଲା ହାଇମାଷ୍ଟ ଅଚଳ



**ହିନ୍ଦୋଳ, ୧୧।୩(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ କନ୍ତାମିଲା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ହାଇମାଷ୍ଟ ୬ମାସ ହେଲା ଅଚଳ ହୋଇପଡ଼ିଛି। ଫଳରେ ଗ୍ରାମବାସୀ ଯାତାୟାତରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳବାସୀଙ୍କ ସୁବିଧା ଲାଗି ଉକ୍ତ ଲାଇଟ ପୋଷ୍ଟ ନିର୍ମିତ ହୋଇଥିଲା। ଏହାପରେ ଲୋକମାନେ ନିର୍ଭୟରେ ଯାତାୟାତ କରିପାରୁଥିଲେ। ହେଲେ ଲାଇଟ୍ ପୋଷ୍ଟ ଅଚଳ ହୋଇପଡ଼ିଥିବାରୁ ଲୋକମାନେ ହୀନସ୍ତା ହେଉଛନ୍ତି। ଏଥିପ୍ରତି ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଅଷ୍ଟପ୍ରହର ନାମଯଜ୍ଞ



**ଢେଙ୍କାନାଳ ଅଫିସ, ୧୧।୩:** ଢେଙ୍କାନାଳ ପୌରାଞ୍ଚଳ ଅଧୀନ ବାଉଁଶପାଟଣାରେ ୫୩ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପ୍ରଥମ ଦିବସରେ ଶତାଧିକ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ବଡ଼ଯୋରାରୁ ପାଣି ଆଣି ଘଟ ସ୍ଥାପନ କରିଥିଲେ। ଦ୍ୱିତୀୟ ଦିବସରେ ଆଠଗଡ଼ ବ୍ରାହ୍ମଣବସ୍ତ ସମେତ ଆଖପାଖ ଅଞ୍ଚଳର ୧୨ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମକୀର୍ତ୍ତନ ପରିବେଷଣ କରିଥିଲେ। ଉଦ୍‌ଯାପନୀ ଦିବସରେ ଠାକୁରଙ୍କ ଚଳନ୍ତି ପ୍ରତିମାକୁ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ଦଧିହାଣ୍ଡି ଭଙ୍ଗାଯିବା ପରେ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଞ୍ଚଳବାସୀ ଏଥିରେ ସହଯୋଗ କରିଥିଲେ।

### ଜମ୍ବୀରା ଡ୍ୟାମ୍‌ରେ ଜୀବନ ଗଲା

**ବାରିପଦା ଅଫିସ, ୧୧।୩:** ମଙ୍ଗଳବାର ସମସ୍ତେ ହୋଲି ଖେଳରେ ବ୍ୟସ୍ତ ଥିବା ବେଳେ ମୟୂରଭଞ୍ଜ ଜିଲା ବାରିପଦାରେ ଏକ ଦୁଃଖଦ ଘଟଣା ଘଟିଛି। ନଦୀରେ ଭାସି ଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରିପଦା ସହର କାଳିମନ୍ଦିର ସାହିର ଶିବୁନ ମହାନ୍ତି। ଶିବୁନ ସାଙ୍ଗମାନଙ୍କ ସହିତ ହୋଲି ଖେଳି ସାରିବା ପରେ ଅପରାହ୍ନ ୧ଟା ସମୟରେ ଜମ୍ବୀରା ଡ୍ୟାମ୍‌ରେ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ପ୍ରବଳ ସୁଅ ଆସିବାରୁ ଶିବୁନଙ୍କ ସହ ଅନ୍ୟ ଜଣେ ସାଙ୍ଗ ଭାସି ଯାଇଥିଲେ। କିଛି ସମୟ ପରେ ସ୍ଥାନୀୟ ଲୋକ ଦୁଇ ବନ୍ଧୁଙ୍କୁ ଡ୍ୟାମ୍‌ରୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ଜଣଙ୍କ ଚେତା ଫେରିଥିବା ବେଳେ ଶିବୁନ୍‌ଙ୍କୁ ବାରିପଦା ପିଆରଏମ୍ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

# 'ବିକାଶ ହେଉଛି ବ୍ୟାପକ ଶବ୍ଦ'

■ଆଇଆଇଏମ୍‌ସିର ଆରତି, ପ୍ରିୟଙ୍କାଙ୍କୁ ଛାତ୍ରବୃତ୍ତି

■'ହାଓ ଟୁ ଉଇନ୍ ଓଭର ଷ୍ଟ୍ରେସ୍ ଆଣ୍ଡ୍ ପିଟିଏସ୍‌ଡି' ଉନ୍ମୋଚିତ

**ଢେଙ୍କାନାଳ ଅଫିସ, ୧୧।୩**

ବିକାଶ ହେଉଛି ବ୍ୟାପକ ଶବ୍ଦ। କେବଳ ଆର୍ଥିକ ଅଭିବୃଦ୍ଧି କିମ୍ବା ରାଜନୈତିକ କ୍ଷେତ୍ର ମଧ୍ୟରେ ଏହା ସୀମିତ ନୁହେଁ। ଏଥିରେ ସାଂସ୍କୃତିକ ଦିଗ ଉପରେ ମଧ ଧ୍ୟାନ ଦେବା ଦରକାର। ଲୋକଙ୍କ ଚଳଣି ଓ ଜୀବନଶୈଳୀ ମଧ ବିକାଶକୁ ପ୍ରଭାବିତ କରିଥାଏ। ଖବରଦାତାଙ୍କ ସହଯୋଗ ବିନା ଦେଶ ବିକାଶ ଅସମ୍ଭବ ବୋଲି କହିଛନ୍ତି ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଜିତେନ୍ଦ୍ର ନାରାୟଣ ଦାଶ। ଢେଙ୍କାନାଳ ଆଇଆଇଏମ୍‌ସି ପରିସରରେ ବୁଧବାର ଅନୁଷ୍ଠିତ ଛାତ୍ରବୃତ୍ତି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ଏହି ଅବସରରେ ଚଳିତ ଶିକ୍ଷାବର୍ଷର ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମ ଛାତ୍ରୀ ଆରତି ବେହେରା ଏବଂ ଇଂଲିଶ ସାମ୍ବାଦିକତା ପାଠ୍ୟକ୍ରମ ଛାତ୍ରୀ ପ୍ରିୟଙ୍କା ଯାଦବଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ବୃତ୍ତି ବାବଦକୁ ଉଭୟଙ୍କୁ ମାନପତ୍ର ସହ ୧୦ହଜାର ଟଙ୍କା ଦିଆଯାଇଥିଲା। ଏଥିସହ ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ଏବଂ ସହକାରୀ ପ୍ରଫେସର ସମ୍ମିତ ପାଲଙ୍କ ସମ୍ପାଦନାରେ ପ୍ରକାଶିତ ମନୋଗ୍ରାଫ୍ 'ହାଓ ଟୁ ଉଇନ୍ ଓଭର ଷ୍ଟ୍ରେସ୍ ଆଣ୍ଡ୍ ପିଟିଏସ୍‌ଡି' ଉନ୍ମୋଚିତ ହୋଇଥିଲା। ଏଥିସହ ମୃଣାଳ ଚାଟାର୍ଜୀଙ୍କ ହିନ୍ଦୀ ଅନୁଦିତ ଉପନ୍ୟାସ 'ଶକ୍ତି' ଉନ୍ମୋଚିତ ହୋଇଛି । ଏହାକୁ ଇତିଶ୍ରୀ ସିଂ ରାଠୋର ଅନୁବାଦ କରିଛନ୍ତି। ସହକାରୀ ପ୍ରଫେସର ଜ୍ୟୋତିପ୍ରକାଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।




ଛାତ୍ରବୃତ୍ତି ପ୍ରଦାନ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ।

# ଦୋଳଯାତ୍ରା ସୁବର୍ଣ୍ଣ ଜୟନ୍ତୀ

**ଭାପୁର, ୧୧।୩(ଡି.ଏନ.ଏ.)**

ଢେଙ୍କାନାଳ ସଦର ବ୍ଲକ ଭାପୁର ପଞ୍ଚାୟତ ମହୁଲପୁଞ୍ଜି ଗ୍ରାମରେ ରାଧାକାନ୍ତ ଜୀଉଙ୍କ ଦୋଳଯାତ୍ରାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସୁଧୀର ସାମଲ ଯୋଗଦେଇ କହିଲେ, ଆଧ୍ୟାତ୍ମିକ ଚିନ୍ତନ ପାଇଁ ଗ୍ରାମରେ ଏକତା ବଜାୟ ରହିଛି। ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଯୁବପିଢ଼ିଙ୍କୁ ଏଥିରେ ସାମିଲ କରାଇବା ଆବଶ୍ୟକ। ପୁରାତନ ସଂସ୍କୃତି ଓ ପରମ୍ପରା ବଜାୟ ରଖିଥିବାରୁ ବିଧାୟକ ଗ୍ରାମବାସୀଙ୍କୁ ଧନ୍ୟବାଦ ଦେଇଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟା ଅର୍ଚ୍ଚନା ସାହୁ, ସୃଷ୍ଟି ଆଗ୍ରୋ ଫାର୍ମର ନିର୍ଦ୍ଦେଶକ ନିରାକାର ପୁହାଣ, ପୂର୍ବତନ ଜିଲା ପରିଷଦ ସଭ୍ୟ ଶରତ ଚନ୍ଦ୍ର ପଣ୍ଡା, ସରପଞ୍ଚ ପୁଷ୍ପଲତା ଭୋଇଙ୍କ ସମେତ ଛଦେଶ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ପ୍ରାରମ୍ଭରେ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଓ ଯୁବ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମ ସଭାପତି ମିଞ୍ଜା କାଞ୍ଜିଆ, ସମ୍ପାଦକ ଶେଷଦେବ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୋଳଯାତ୍ରା ଉପଲକ୍ଷେ ଦୁଇଦିନ ଧରି ଯାତ୍ରା ପରିବେଷଣ କରାଯାଇଥିଲା। ଏଥିସହ ବେଶଧାରୀଙ୍କ ପଟୁଆରରେ ଗ୍ରାମ ପରିବେଶ ଉତ୍ସବ ମୁଖର ହୋଇଉଠିଥିଲା।



କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

# ନାରୀ ସର୍ବଶକ୍ତିର ଉତ୍ସ

**ଢେଙ୍କାନାଳ ଅଫିସ, ୧୧।୩**




କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ବିଶ୍ୱ ଓଡ଼ିଶା ମହିଳା ପରିଷଦ, କପିଳାସ ଲାୟନ୍ସ କ୍ଲବ, ଭୂମିପୁତ୍ର ବିଜୁ ପଟ୍ଟନାୟକ ଶତାବ୍ଦୀ ଫାଉଣ୍ଡେଶନର ମିଳିତ ସହଯୋଗରେ ଯୋରନ୍ଦା ପଞ୍ଚାୟତ କାର୍ଯ୍ୟାଳୟରେ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ନାରୀ ସର୍ବଶକ୍ତିର ଉତ୍ସ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଶ୍ୱ ଓଡ଼ିଶାର ରାଜ୍ୟ ସଂଯୋଜିକା ରଶ୍ମିତା ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାବେଶରେ କପିଳାସ ଲାୟନ୍ସ କ୍ଲବ ସଭାପତି ମନୋରଞ୍ଜନ ସାହୁ, ଶିକ୍ଷାବିତ୍ ଜ୍ୟୋତିର୍ମୟୀ ନାଥ, ରୂପମଞ୍ଜରୀ ପଟ୍ଟନାୟକ, ଏସ୍‌ଏଚ୍‌ଜି ମହାସଂଘ ପ୍ରତିନିଧି ନର୍ମଦା ରାଉତ, ସଭାନେତ୍ରୀ ପ୍ରେମଲତା ନାୟକ ପ୍ରମୁଖ ଯୋଗଦେଇ ମହିଳା ସଶକ୍ତୀକରଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଚପଳା ବେହେରା, ସୁନା ନାୟକ, ପ୍ରଭାତୀ ରାଉତ, ସୁଭଦ୍ରା ସାହୁ, ବିନି ପୁହାଣ ଏବଂ ରେଣୁବାଳା ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱ ଓଡିଶା ସମ୍ପାଦକ ମନୋଜ କୁମାର ସାହୁଙ୍କ ସଂଯୋଜନାରେ 'ମୁଁ ନାରୀ ମୁଁ ଶକ୍ତି' ସମ୍ପର୍କିତ ଦଳଗତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମନ୍‌ଜିତ ସାମଲ, ବିଜୟ ସାହୁ, ସଂଗ୍ରାମ ସେଠୀ, ଚନ୍ଦ୍ରକଳା ବେହେରା, ବନିତା ପରଡ଼ା, ମମତାରାଣୀ ଦେବନାୟକ ପ୍ରମୁଖ ସହଯୋଗ କରିଥିଲେ।

### ରେଳ ଧାରଣାରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

**ଓଡ଼ାପଡ଼ା, ୧୧।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଦାଣ୍ଡିମାଳ ପାସେଞ୍ଜର ହଲ୍ଟ ନିକଟ ରେଳ ଧାରଣା ପାର୍ଶ୍ୱରୁ ସୋମବାର ସକାଳେ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତା ହେଲେ ବଳରାମପୁର ଅଞ୍ଚଳର ହରି ପରିଡ଼ାଙ୍କ ଝିଅ ସୁନୀତା। ଯୁବତୀଙ୍କ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଘଟଣାସ୍ଥଳରୁ ତାଙ୍କର ଆଧାର କାର୍ଡ, ମୋବାଇଲ ଫୋନ ଏବଂ ଚପଲ ମିଳିଛି। ରେଲୱେ ପୋଲିସ ଘଟଣାର ତଦନ୍ତ କରୁଛି।

# ସଂଘର୍ଷରୁ ମିଳେ ସଫଳତା




କାର୍ଯ୍ୟକ୍ରମରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୧।୩**

ଢେଙ୍କାନାଳ ବୋରାପଦାସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ରବିବାର ବିଶ୍ୱ ମହିଳା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଢେଙ୍କାନାଳ କଲେଜର ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ଅଧ୍ୟାପିକା ଡ. ନମିତା କୁମାରୀ ଦାସ ମୁଖ୍ୟଅତିଥି ଭାବ ଯୋଗଦେଇ କହିଲେ, ଜୀବନ ସଂଘର୍ଷ ହିଁ ନାରୀ ସଫଳତାର ମାଧ୍ୟମ। ନାରୀସମାଜ ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଜଗତ୍‌ସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସହଯୋଗୀ ପ୍ରାଧ୍ୟାପକ ଡ. ନିର୍ମଳ ସୁନ୍ଦର ମିଶ୍ର କହିଲେ, ନାରୀ ସବୁବେଳେ ସୃଜନକାରିଣୀ। ନୂତନ ସମ୍ଭାବନାର ଉତ୍ସ। ନାରୀକୁ ବାଦ୍ ଦେଇ ସୃଷ୍ଟି ଅସମ୍ଭବ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ବ୍ରଜନାଥ ବଡ଼ଜେନା ହାଇସ୍କୁଲର ବରିଷ୍ଠ ବିଜ୍ଞାନ ଶିକ୍ଷକ ଡା.ଦେବୀପ୍ରସାଦ ମିଶ୍ର କହିଲେ, ନାରୀ ହିଁ ସୃଷ୍ଟି, ସ୍ଥିତି, ପ୍ରଗତିର ଅବିଶ୍ରାନ୍ତ ଧାରା।

ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ଚନ୍ଦ୍ରଶେଖର ତ୍ରିପାଠୀ, ପ୍ରଶିକ୍ଷଣ ଅଧିକାରୀ ଇଂ. ଅରୁଣ କୁମାର ମହାରଣା, ସହକାରୀ ପ୍ରଶିକ୍ଷଣ ଅଧିକାରୀ ଇଂ. ଧନେଶ୍ୱର ବେହେରା, ସଂସ୍କୃତ ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀ, ଏସ୍‌ଏଚ୍‌ଜି ସଦସ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

# ପୋଷଣ ପକ୍ଷ ପାଳିତ

**ଓଡ଼ାପଡ଼ା, ୧୧।୩(ଡି.ଏନ.ଏ.)**

ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଯୁକ୍ତ ୩ ଏନ୍‌ଏସ୍‌ଏସ୍ ପକ୍ଷରୁ ବୁଧବାର ପୋଷଣ ପକ୍ଷ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ମାନସୀ କର, ମୁଖ୍ୟବକ୍ତା ଅଧ୍ୟାପକ ଗୁରୁଚରଣ ରାଉତରାୟ ଏବଂ ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ନୟନା ବରାଳ ଯୋଗ ଦେଇଥିଲେ। ନାରୀ ସମାଜର ମେରୁଦଣ୍ଡ। ମହିଳାମାନେ ସଚେତନ ହୋଇ ନିଜର ଭୂମିକା ବୁଝିବା ଜରୁରୀ। ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟକଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଏହି ଉପଲକ୍ଷେ ଆୟୋଜିତ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଡ. ଦେବାନନ୍ଦ ଦାସ, ମଣିନ୍ଦ୍ର କୁମାର ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୃଥକ୍ ଦୁର୍ଘଟଣା: ଯୁବକ ମୃତ, ୫ ଗୁରୁତର

**ପରଜଙ୍ଗ, ୧୧।୩(ଡି.ଏନ.ଏ.)**



ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳରେ ପୃଥକ୍ ଦୁର୍ଘଟଣାରେ ଜଣେ ଯୁବକ ମୃତ୍ୟୁ ଘଟିଥିବାବେଳେ ୫ଜଣ ଗୁରୁତର ହୋଇଛନ୍ତି। ଭାଲୁମୁଣ୍ଡା-ଆଲୁଅଝରଣ ପୂର୍ତ୍ତ ବିଭାଗ ରାସ୍ତାର ବାରଘରିଆ ଗ୍ରାମ ନିକଟରେ ମଙ୍ଗଳବାର ଅପରାହ୍ନରେ ବାଇକ୍ ଗଛରେ ପିଟି ହୋଇଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାଟରପଦା ଗ୍ରାମର ରାକେଶ ସାହୁ (୨୫)। ରାକେଶ ଘରେ ଝଗଡ଼ା କରି ଝାରସୁଗୁଡ଼ା ଅଭିମୁଖେ ବାଇକ୍ (ନଂ. ଓଡ଼ି ୧୪ଡି ୮୨୧୦)ରେ ଯାଉଥିଲେ। ଏହି ସମୟରେ ସେ ଭାରସାମ୍ୟ ହରାଇ ଏକ ତାଳ ଗଛରେ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଥାନାଧିକାରୀ ସନ୍ତୋଷ ପ୍ରଧାନ ସଦଳବଳ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ. ୫୦/୨୦୨୦ରେ ଏକ ମାମଲା ରୁଜୁ ହୋଇଛି।

ସେହିପରି ମୁକ୍ତାପଶି-ବଡ଼କମର ଆରଡି ରାସ୍ତାର କଟାବାହାଳ ଛକ ନିକଟରେ ସୋମବାର ମଧ୍ୟାହ୍ନରେ ବାଇକ୍-ବୁଲେଟ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଦେବାରୁ ୪ଜଣ ଗୁରୁତର ହୋଇଛନ୍ତି। ଜଟିଆ ଗ୍ରାମର ବାସୁଦେବ ସାହୁ (୪୩), ତାଙ୍କ ଝିଅ ଧରିତ୍ରୀ ସାହୁ (୧୪) ଏବଂ ଭାଣିଜୀ ବସୋଇ ଗ୍ରାମର ଶୁଭଶ୍ରୀ ସାହୁ (୧୩) ଏକ ବାଇକ୍‌ରେ ପାଟରପଦା ଗ୍ରାମରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ଏହି ସମୟରେ ପାଟରପଦା ଗ୍ରାମର ଟେମ୍‌ସ ବିଶ୍ୱାଳ (୩୦)ଙ୍କ ବୁଲେଟ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେହିପରି ପରଜଙ୍ଗ ଗ୍ରାମର ସୁରଜ ଦଳବେହେରା ବନ୍ଧୁମାନଙ୍କ ସହ ଭୋଜି ସାରି ଭାଲୁମୁଣ୍ଡାରୁ ଘରକୁ ବାଇକ୍‌ରେ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି। ତାଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ବାଣ ଫୁଟି ୩ ଶିଶୁ ଆହତ

**କାମାକ୍ଷାନଗର, ୧୧।୩(ଡି.ଏନ.ଏ.)**

କାମାକ୍ଷାନଗର ଥାନା ବାଙ୍ଗୁରା ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ବାଣ ଫୁଟି ୩ ଶିଶୁ ଆହତ ହୋଇଛନ୍ତି। ସେମାନେ ହେଲେ ଅଂଶୁମାନ ସାମଲ, ଶ୍ରୀମାନ ସାମଲ ଏବଂ ବିଶ୍ୱଜିତ ସାମଲ। ଗ୍ରାମକୁ ଆସିଥିବା ଏକ ବରଯାତ୍ରୀ ଦଳ ସ୍ଥାନୀୟ ପୋଖରୀ ନିକଟରେ ବାଣ ଫୁଟାଉଥିଲେ। ସେଥିରୁ କେତେକ ଅଫୁଟା ରହିଯାଇଥିଲା। ଉକ୍ତ ଅଫୁଟା ବାଣରେ ସମ୍ପୃକ୍ତ ୩ ଶିଶୁ ନିଆଁ ଲଗାଉଥିବାବେଳେ ତାହା ଫୁଟି ଯାଇଥିଲା। ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନେ ସୁସ୍ଥ ଥିବା ଜଣାପଡ଼ିଛି।

### ପ୍ରାକୃତିକ ରଙ୍ଗରେ ଖେଳିଲେ ହୋଲି

**କାମାକ୍ଷାନଗର, ୧୧।୩(ଡି.ଏନ.ଏ.)**

କାମାକ୍ଷାନଗରରେ ମଙ୍ଗଳବାର ନିଆରା ଢଙ୍ଗରେ ହୋଲି ଖେଳିଛନ୍ତି ପତଞ୍ଜଳି ଯୋଗସମିତିର କର୍ମକର୍ତ୍ତା। କରୋନାକୁ ନେଇ ସାରା ଦେଶରେ ଭୟର ବାତାବରଣ ଲାଗି ରହିଥିବାବେଳେ ଯୋଗ ମାଧ୍ୟମରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିବ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ପ୍ରାରମ୍ଭରେ ଯୋଗ ଶିବିର ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ପରେ ଫୁଲ, ଚନ୍ଦନ ଏବଂ ପ୍ରାକୃତିକ ରଙ୍ଗରେ ସମସ୍ତେ ହୋଲି ଖେଳିଥିଲେ।

# ରାସ୍ତାକୁ ଓହ୍ଲାଇଲେ କେନ୍ଦୁପତ୍ର ଶ୍ରମିକ




କେନ୍ଦୁପତ୍ର ଶ୍ରମିକଙ୍କ ରାସ୍ତାରୋକୋ।

**ଢେଙ୍କାନାଳ ଅଫିସ, ୧୧।୩**

ସରକାରୀ ଉଦାସୀନତା ପ୍ରତିବାଦରେ କେନ୍ଦୁପତ୍ର ଶ୍ରମିକମାନେ ରାସ୍ତାକୁ ଓହ୍ଲାଇଛନ୍ତି। ବିଭିନ୍ନ ଦାବି ନେଇ ସେମାନେ ବୁଧବାର ପୂର୍ବାହ୍ନ ୯ଟାରେ ଢେଙ୍କାନାଳ କୋରିଆଁ ବାଇପାସ୍‌ରେ ୫୫ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଜିଏସ୍‌ଟି ପ୍ରତ୍ୟାହାର, ଋତୁକାଳୀନ କର୍ମଚାରୀଙ୍କ ଦରମା ବୃଦ୍ଧି, ପତ୍ର ତୋଳାଳିଙ୍କୁ ସହାୟତା, କେରିପତ୍ର ସଂଗ୍ରହ ମାନଦଣ୍ଡ ଧାର୍ଯ୍ୟ କରିବା ଦାବିରେ ଏହି ଆନ୍ଦୋଳନ ହୋଇଥିଲା।

ଜିଏସ୍‌ଟି ଯୋଗୁ କେନ୍ଦୁପତ୍ର ବଜାରରେ ମାନ୍ଦାବସ୍ଥା ସୃଷ୍ଟି ହୋଇଛି। ରାଜ୍ୟ ସରକାର ସାଧାରଣ ଶ୍ରମିକଙ୍କ ମଜୁରି ବୃଦ୍ଧି କରିଥିବାବେଳେ ସିଜନାଲ କର୍ମଚାରୀଙ୍କୁ ଅଣଦେଖା କରୁଛନ୍ତି। ଦାବିଗୁଡ଼ିକ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଗତ ୨ ଏବଂ ୩ ତାରିଖରେ ବିଭିନ୍ନ ଡିଭିଜନ ମୁଖ୍ୟ କାର୍ଯ୍ୟାଳୟରେ ଆନ୍ଦୋଳନ କରାଯାଇଥିଲା। ତଥାପି ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ନ୍ୟାଯ୍ୟଦାବି ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଯୋଗେନ୍ଦ୍ରନାଥ ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଆନ୍ଦୋଳନରେ ହିନ୍ଦ୍ ମଜଦୁର ସଭା ଉପସାଧାରଣ ସମ୍ପାଦକ ଲକ୍ଷ୍ମୀଧର ସାହୁ, ବାବୁଲି ସିଂ, ସନାତନ ଦାସ, ପ୍ରସନ୍ନ ସାହାଣୀ, ସୁରେଶ ସାମଲ, ଅଜୟ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ। ସଦର ତହସିଲଦାର ଲକ୍ଷ୍ମୀଧର ରାଉତ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା। ରାସ୍ତାରୋକୋ ଯୋଗୁ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୯୯୩୭୯୮୦୭୦୩, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ମାର୍ଚ୍ଚ ୧୨/୨୦୨୦, Dhenkanal, Thursday, March 12 / 2020

## ସଂକ୍ଷେପରେ

### ମନମୋହିଲା ମନ୍ମଥଙ୍କ ସଙ୍ଗୀତ



**ଢେଙ୍କାନାଳ ଅଫିସ,୧୧।୩:** ଢେଙ୍କାନାଳ ସଦର ବ୍ଲକ ବଳଭଦ୍ରପୁର ଶାସନ ଅଧୀନ ମଝି କେଶେରିଆରେ ମଙ୍ଗଳବାର ଦୋଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ଯତୀନ୍ଦ୍ର ମହାପାତ୍ରଙ୍କ ସ୍ମୃତିରେ ଆୟୋଜିତ ଭଜନ ସମାରୋହରେ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର ଏବଂ ସାଥୀଙ୍କ ଭଜନ ଦର୍ଶକଙ୍କ ମନମୋହିଥିଲା। ରତିକାନ୍ତ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଦୋଳଯାତ୍ରା କମିଟି ସଭାପତି ବିଶ୍ୱନାଥ ଷଡ଼ଙ୍ଗୀ, ସମ୍ପାଦକ ସମ୍ବିତ ନନ୍ଦଙ୍କ ସମେତ ଗ୍ରାମ୍ୟ ଶାନ୍ତି କମିଟିର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରମାଣପତ୍ର ପାଇଁ ଟଙ୍କା

**ପରଜଙ୍ଗ, ୧୧।୩(ଡି.ଏନ.ଏ.)**

ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା, ଦୁର୍ନୀତି ରୋକିବା, ସାଧାରଣ ଜନତାଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି '୫-ଟି' ବ୍ୟବସ୍ଥା । ସରକାରୀ କାର୍ଯ୍ୟାଳୟରେ ଲାଞ୍ଚ ନ ଦେବାକୁ ବଡ ବଡ଼ ହୋର୍ଡିଂ ମାଧ୍ୟମରେ ସଚେତନ କରାଯାଉଛି। ଏହାସତ୍ତ୍ୱେ ଲାଞ୍ଚଖୋର ବାବୁଙ୍କ ମାନସିକତାରେ ପରିବର୍ତ୍ତନ ଆସୁନାହିଁ। ଆଇନକୁ ଡରୁନାହାନ୍ତି ଅଧିକାରୀ । ଟଙ୍କା ନ ଦେଲେ କାମ କରିବେ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଉଛନ୍ତି। ଢେଙ୍କାନାଳ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏପରି ଏକ ଭିଡିଓ ସୋସିଆଲ ସାଇଟ୍‌ରେ ଘୂରିବୁଲୁଛି, ଯାହା ଲାଞ୍ଚ କାରବାରର ଗୁମର ପଦାକୁ ଆଣିଛି।

ଅଭିଯୋଗ ଅନୁଯାୟୀ, ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବଶ୍ୟକ ଡାକ୍ତରୀ ପ୍ରମାଣପତ୍ର ଲାଗି ବୁଧବାର କେତେଜଣ ଯୁବକ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଉକ୍ତ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସ୍ଥିତପ୍ରଜ୍ଞ ମହାନ୍ତିଙ୍କୁ ଭେଟି ପ୍ରମାଣପତ୍ରରେ ଦସ୍ତଖତ କରିବାକୁ କହିଥିଲେ। ହେଲେ ଏଥିପାଇଁ ଡା. ମହାନ୍ତି ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେଲେ ସାର୍ଟିଫିକେଟରେ ଦସ୍ତଖତ କରିବେ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇଥିଲେ। ଏହାପରେ ସମ୍ପୃକ୍ତ ଯୁବକମାନଙ୍କଠାରୁ ସେ ସାର୍ଟିଫିକେଟ୍ ପିଛା ୧୦୦ରୁ ୨୦୦ ଟଙ୍କା ଯାଏ ଅଫିସରେ ବସି ଆଦାୟ କରିଥିଲେ। ଏଥିରୁ ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ସନ୍ତୋଷ କୁମାର ସାହୁ ମଧ୍ୟ ବାଦ୍ ପଡ଼ି ନ ଥିଲେ। ହେଲେ ଏହି ଘଟଣାର ଭିଡିଓକୁ କେହି ଜଣେ କୌଶଳକ୍ରମେ ଉତ୍ତୋଳନ କରିଦେଇଥିଲେ। ଭାଜପା ନେତା ଜଣକ ଘଟଣା ସମ୍ପର୍କରେ ମୋ ସରକାର ଟୋଲ ଫ୍ରି ନମ୍ବରରେ ଅଭିଯୋଗ କରିବା ସହ ସିଡିଏମ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଏ ନେଇ ଡାକ୍ତର ମହାନ୍ତିଙ୍କୁ ପଚାରିବାରେ ସେ ବିତଣ୍ଡା ଯୁକ୍ତି କରିଥିଲେ। ସେ କହିଥିଲେ, କାହାକୁ ମାଗଣାରେ ପ୍ରମାଣପତ୍ର ଦିଆଯିବ ଆଉ କାହାଠାରୁ ଟଙ୍କା ନେଇ ପ୍ରମାଣପତ୍ର ଦେବୁ ସେଇଟା ତାଙ୍କ ଇଚ୍ଛା ଉପରେ ନିର୍ଭର କରେ। ଟଙ୍କା ନ ଦେଲେ ଲୋକଙ୍କୁ ବିଭିନ୍ନ ଉପାୟରେ ଅଧିକ ଖର୍ଚ୍ଚରେ ପକାଇବେ। ଯେମିତି କି, ଫିଟିନେସ ପ୍ରମାଣପତ୍ର ଦେବା ପାଇଁ ସେମାନଙ୍କୁ ପ୍ରଥମେ ଆଖି ପରୀକ୍ଷା କରିବାକୁ କହିବେ। ଏଥିରେ ଅଧିକ ଖର୍ଚ୍ଚ ହେବ। ଏତେ ଝମେଲାକୁ ନ ଯାଇ କିଛି ଟଙ୍କା ଦେଲେ ସୁବିଧାରେ ପ୍ରମାଣପତ୍ର ଦେଇଦିଆଯାଉଛି। ଟଙ୍କା ନେବା ତାଙ୍କର ପ୍ରାପ୍ୟ ବୋଲି ସେ ଅଜବ ଯୁକ୍ତି ବାଢ଼ିଛନ୍ତି।

ଏ ନେଇ ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର କୁହନ୍ତି, ଏହା ସମ୍ପୃକ୍ତ ଡାକ୍ତରଙ୍କ ବ୍ୟକ୍ତିଗତ କଥା। ଫିଟ୍‌ନେସ୍ ପ୍ରମାଣପତ୍ର ଲାଗି ବିଭିନ୍ନ ପରୀକ୍ଷା କରିବାକୁ ପଡ଼ିଥାଏ। ଡାକ୍ତର ଜଣକ ତାହା ନ କରି ପ୍ରମାଣପତ୍ର ଦେଉଛନ୍ତି। ତେଣୁ ଟଙ୍କା ନେଉଥିବେ। ସରକାରୀ କାର୍ଯ୍ୟାଳୟରେ ଏପରି ଲାଞ୍ଚ କାରବାର ସମ୍ପର୍କରେ ପଚାରିବାରେ ସେ ବୁଝି କହିବି ବୋଲି କହି ପ୍ରସଙ୍ଗ ଏଡ଼ାଇ ଯାଇଥିଲେ।



- ଚର୍ଚ୍ଚାରେ ପରଜଙ୍ଗ ଗୋଷ୍ଠୀ ଚିକିତ୍ସାଳୟ
- ଗୁମର ଖୋଲିଦେଲା ଭାଇରାଲ ଭିଡିଓ
- ଟଙ୍କା ନେବା ଆମର ପ୍ରାପ୍ୟ: ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ

# ଓଡ଼ିଆ ଭାଷା ପ୍ରତି ଓଡ଼ିଆ ହୃଦୟର ସମ୍ପଦ



ପାରମ୍ପରିକ ଓଡ଼ିଆ ପୋଷାକରେ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୧।୩**

ଢେଙ୍କାନାଳ କଲେଜ ଓଡ଼ିଆ ବିଭାଗ ପକ୍ଷରୁ ବୁଧବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ରଶ୍ମି ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଗବେଷକ ପ୍ରଫେସର ସୁରେନ୍ଦ୍ରନାଥ ଦାସ, ମୁଖ୍ୟବକ୍ତା ବିଶିଷ୍ଟ ସ୍ତମ୍ଭକାର ନିରଞ୍ଜନ ପାଢ଼ୀ ଯୋଗଦେଇ କହିଲେ, ମାତୃଭାଷା ଓଡ଼ିଆ ପ୍ରତି ଓଡ଼ିଆ ହୃଦୟର ସମ୍ପଦ। ବ୍ୟକ୍ତିତ୍ୱର ପୂର୍ଣ୍ଣ ପରିପ୍ରକାଶରେ ମାତୃଭାଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ନିଜ ସଂସ୍କୃତି ସହ ଯୋଡ଼ି ରହିବା ପାଇଁ ମାତୃଭାଷା ଶିଖିବା ଆବଶ୍ୟକ। ଏଥି ସହିତ ଅନ୍ୟ ଭାଷା ଶିଖିଲେ କିଛି ଅସୁବିଧା ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଯୁବପିଢ଼ିଙ୍କୁ ଓଡ଼ିଆ ଭାଷା ଏବଂ ବେଶ ପୋଷାକ ପ୍ରତି ଆଗ୍ରହ ସୃଷ୍ଟି କରିବା ଲାଗି ସମସ୍ତ ଅଧ୍ୟାପକ, ଛାତ୍ର ଧୋତି ପଞ୍ଜାବୀ ଏବଂ ଅଧ୍ୟାପକା, ଛାତ୍ରୀମାନେ ଶାଢ଼ି ପରିଧାନ କରିଥିଲେ। ଏହି ଅବସରରେ ସମସ୍ତଙ୍କୁ ଓଡ଼ିଆ ଘରର ପ୍ରମୁଖ ପିଠା ମଣ୍ଡା, କାକରା ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ହୋଲିର ମଜାନେଲେ ବିଦେଶୀ

**ଢେଙ୍କାନାଳ ଅଫିସ, ୧୧।୩**





ହୋଲି ଖେଳରେ ସାମିଲ ହୋଇଥିବା ବିଦେଶୀ ନାଗରିକମାନେ।

ରଙ୍ଗର ପର୍ବ ହୋଲିକୁ ବିଦେଶୀଙ୍କ ସହ ନିଆରା ଢଙ୍ଗରେ ପାଳନ କରିଛି ଢେଙ୍କାନାଳ ସଚେତନ ନାଗରିକ ଫୋରମ୍। ରାସାୟନିକ ରଙ୍ଗ ବଦଳରେ ହଳଦୀ, ଚନ୍ଦନ ଲଗାଇ ଅନୁଷ୍ଠାନର ସଦସ୍ୟମାନେ ହୋଲିର ମଜା ନେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଆକର୍ଷଣ ସାଜିଥିଲେ ଅଷ୍ଟ୍ରେଲିଆରୁ ଆସିଥିବା ବିଦେଶୀ ନାଗରିକ। ଫୋରମ୍‌ର କର୍ମକର୍ତ୍ତା, ଅଞ୍ଚଳବାସୀଙ୍କ ସହ ମିଶି ସେମାନେ ହୋଲିର ମଜା ନେବାସହ ଏପରି କାର୍ଯ୍ୟକ୍ରମକୁ ଭୂରି ଭୂରି ପ୍ରଶଂସା କରିଥିଲେ। ଅନୁଷ୍ଠାନର ଜିଲା ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଭରତ ଦାସ, ଉପସଭାପତି ପଙ୍କଜ ନାୟକ, ଅଖିଳ ମହାପାତ୍ର, ଯୁଗ୍ମ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର, ନଗର ସଭାପତି ରୁଦ୍ରପ୍ରକାଶ ଶରଣ, ଉପସଭାପତି ରୁଦ୍ରମାଧବ ମହାପାତ୍ର, ଜିଲା ସଂଯୋଜିକା ପ୍ରଭାତୀ ମହାପାତ୍ର ପ୍ରମୁଖ ଅତିଥିଙ୍କୁ ହଳଦୀ, ଚନ୍ଦନ ଓ ଫୁଲ ଦେଇ ସ୍ୱାଗତ କରିଥିଲେ। ବହୁ ବୁଦ୍ଧିଜୀବୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ରଙ୍ଗର ପର୍ବକୁ ବେଶ୍ ଉପଭୋଗ କରିଥିଲେ।

ସେହିପରି ଜଗତ ଉଦ୍ଧାର ମଞ୍ଚ ପକ୍ଷରୁ ଗୋପବନ୍ଧୁ ଟାଉନ୍ ହଲରେ ହଳଦୀ, ଚନ୍ଦନରେ ହୋଲି ଖେଳାଯାଇଥିଲା। ଏହି ଅବସରରେ ଢେଙ୍କାନାଳ ପ୍ରସିଦ୍ଧ ବରା, ଆଳୁଦମ, ଗୁଗୁନି, ଦହିବରା, ଲସିର ମଜା ନେଇଥିଲେ ସଭିଏ। ସଭାପତି ନବକିଶୋର ଗୁରୁଙ୍କ ନେତୃତ୍ୱରେ ରାମଚନ୍ଦ୍ର ପାତ୍ର, ବିଶ୍ୱନାଥ ବେହେରା, ବିଷ୍ଣୁପ୍ରସାଦ ଲେଙ୍କା, ପ୍ରଦ୍ୟୁମ୍ନ ରଥ, ସଞ୍ଜୟ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହୋଲି ଉପଲକ୍ଷେ ସାଇ ସତ୍‌ସଙ୍ଗ ପକ୍ଷରୁ ଠାକୁରଙ୍କ ବିଗ୍ରହକୁ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ଅନୁଷ୍ଠାନର କର୍ମକର୍ତ୍ତାମାନେ ରାସାୟନିକ ରଙ୍ଗରେ ହୋଲି ନ ଖେଳିବାକୁ ଘର ଘର ବୁଲି ସଚେତନ କରାଇଥିଲେ। ସେହିପରି ବିଭିନ୍ନ ଶିଶୁଗୃହରେ ମଧ୍ୟ ଜାକ୍‌ଜମକର ସହ ହୋଲି ଉତ୍ସବ ପାଳିତ ହୋଇଛି।

# ଭାରତୀଙ୍କ ମୁହଁରେ ଫୁଟିଲା ହସ

**ଭୁବନ, ୧୧।୩(ଡି.ଏନ.ଏ.)**



- ନିଆଁରେ ପୋଡ଼ିଯାଇଥିଲା ବିବାହ ସାମଗ୍ରୀ
- ସହଯୋଗ ହାତ ବଢ଼ାଇଲେ ବଦାନ୍ୟ ବ୍ୟକ୍ତି
- ସୁରୁଖୁରୁରେ ସରିଲା ବାହାଘର

ବିବାହ ଆଗରୁ ନିଆଁ ସାଜିଲା ବଇରି। ନିଆଁ ଆଁରେ ଛାରଖାର ହୋଇଗଲା ସବୁକିଛି। ଏହାକୁ ନେଇ ବେଶ୍ ଚିନ୍ତିତ ହୋଇପଡ଼ିଥିଲେ ପରିବାର। ହେଲେ ବଦାନ୍ୟ ବ୍ୟକ୍ତି ଏବଂ ସାମାଜିକ ସଙ୍ଗଠନ ସହଯୋଗର ହାତ ବଢ଼ାଇବା ପରେ ସବୁକିଛି ସୁରୁଖୁରୁରେ ସରିଛି। ନୂଆ ଜୀବନ ଆରମ୍ଭ କରିଛନ୍ତି ଭୁବନ ବ୍ଲକ ବାଉଁଶକଣ ଗ୍ରାମର ଭାରତୀ ପଧାନ। ଅନ୍ୟପଟେ ଝିଅକୁ ବିବାହ ଦେଇ ବେଶ୍ ଖୁସି ଅଛନ୍ତି ବାପା ବିଶ୍ୱନାଥ ପଧାନ ଏବଂ ପରିବାର ଲୋକେ।

ଫେବୃୟାରୀ ୨୮। ଏହି ଦିନ ବିଶ୍ୱନାଥଙ୍କ ପରିବାର ଉପରେ ଛିଣ୍ଡି ପଡ଼ିଥିଲା ଦୁଃଖର ପାହାଡ଼। ମଧ୍ୟରାତ୍ରରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ଗ୍ରାମର ୫ ପରିବାର ମୁହଁରୁ ଛଡ଼ାଇନେଲା ଖୁସି। ସବୁଠୁ ବେଶି ଦୁଃଖ ଅଜାଡ଼ି ହୋଇପଡ଼ିଥିଲା ବିଶ୍ୱନାଥଙ୍କ ପରିବାର ଉପରେ। କାରଣ ଝିଅ ଭାରତୀଙ୍କ ବିବାହ ଠିକ୍ ହୋଇ ସାରିଥିବାବେଳେ ମୂଲ୍ୟବାନ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଖଟିଲେ ଖାଉଥିବା ବିଶ୍ୱନାଥଙ୍କ ପାଇଁ ଏହା କୌଣସି ଅଭିଶାପଠାରୁ କମ୍ ନ ଥିଲା। ଝିଅ ବିବାହ କିପରି ହେବ ତାହାକୁ ନେଇ ସେ ଚିନ୍ତାରେ ପଡ଼ିଥିଲେ। ଅନ୍ୟପଟେ ଏହି ଘଟଣା ଗଣମାଧ୍ୟମରେ ପ୍ରକାଶିତ ହେବାପରେ ବିଭିନ୍ନ ବଦାନ୍ୟ ବ୍ୟକ୍ତି, ସାମାଜିକ ସଙ୍ଗଠନ ସହାୟତାର ହାତ ବଢ଼ାଇଥିଲେ। ଭାରତୀଙ୍କୁ ଭାବି ଶାଶୁଘରୁ ମିଳିଲା ଆଶ୍ୱାସନା। ଭାବି ବର ତଥା ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ଦଶରଥ ପ୍ରଧାନଙ୍କ ପୁଅ ଅକ୍ଷୟ ମଧ୍ୟ ନିରାଡ଼ମ୍ବର ଭାବେ ବିବାହ କରିବାକୁ ରାଜି ହୋଇଯାଇଥିଲେ। ବୁଧବାର ଭାରତୀ ଏବଂ ଅକ୍ଷୟଙ୍କ ବିବାହ ଶେଷ ହୋଇଛି। ଖୋର୍ଦ୍ଧା ଜିଲାର ନଖରା ଗ୍ରାମର ଲକ୍ଷେଶ୍ୱର ମହାଦେବ ସେବା ସଙ୍ଗଠନ ପକ୍ଷରୁ ଭାରତୀଙ୍କ ପାଇଁ ସମସ୍ତ ଆସବାବପତ୍ର ବ୍ୟବସ୍ଥା କରାଯାଇଥିଲା। ଏଥିସହ ୨୦୦ ଜଣଙ୍କ ପାଇଁ ଭୋଜିର ଆୟୋଜନ କରାଯାଇଥିଲା। ଏମ୍‌ପି ମହେଶ ସାହୁ, ପୁରୀ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀର ମହାସଚିବ ମାତୃପ୍ରସାଦ ମିଶ୍ର, ଭୁବନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ନନ୍ଦକିଶୋର ସାହୁ, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ସୁଧାକର ସାହୁ, ମଳୟ ତ୍ରିପାଠୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ ଦେଇଥିଲେ। ଭୁବନ ତୃପ୍ତି ପାଠାଗାରର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଭୁବନ, ୧୧।୩(ଡି.ଏନ.ଏ.)**

ଭୁବନ ଥାନା ସୁରପ୍ରତାପପୁର ଗ୍ରାମର ରବି ଗୁରୁ(୪୫)ଙ୍କ ମୃତଦେହ ସ୍ଥାନୀୟ ପୋରେଇଝରା ନାଳରୁ ଉଦ୍ଧାର କରାଯାଇଛି। ସୋମବାର ସକାଳେ ରବି ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ଅପରାହ୍ନରେ ତାଙ୍କ ମୃତଦେହ ନାଳକଡ଼ରେ ଭାସୁଥିବା ଦେଖି କେହି ଜଣେ ପରିବାରକୁ ସୂଚନା ଦେଇଥିଲେ। ପାଣିରେ ବୁଡ଼ିଯାଇ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଭୁବନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ସୁରପ୍ରତାପପୁର ଫାଣ୍ଡି ଅଧିକାରୀ ମୁରଲୀଧର ନାୟକ ସୂଚନା ଦେଇଛନ୍ତି।









26
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ